# ୯୫ ବର୍ଷ ବିତିଲା, ମିଳୁନି ଜମି ପଟ୍ଟା

■ ସମସ୍ୟାରେ ଜମି ମାଲିକ
■ ମିଳୁନି ସରକାରୀ ସହାୟତା



**ଚଣ୍ଡିଖୋଲ,୨୩।୬(ପ୍ରଦୀପ୍ତ କୁମାର ପୃଷ୍ଟି):**

୯୫ ବର୍ଷ ହେଲା ଜମିପଟ୍ଟା ପାଇବାରୁ ବଞ୍ଚିତ ହୋଇଛନ୍ତି ଯାଜପୁର ଜିଲା ଦର୍ପଣ ତହସିଲ ଅଧୀନରେ ଥିବା ୯ ରାଜସ୍ୱ ମୌଜାର ଅଧିବାସୀ। ଫଳରେ ଏହାକୁ ନେଇ ସେମାନେ ନାନା ଅସୁବିଧାର ସମ୍ମୁଖୀନ ହେଉଛନ୍ତି।

ଦର୍ପଣ ତହସିଲ ଅନ୍ତର୍ଗତ ସୁଙ୍ଗୁଡ଼ା, ଦର୍ପଣ, ଚାରିନଙ୍ଗଳ, ପତରାଜପୁର, କଳାଶ୍ରୀ, ବରଦା, ପଲେଇ, ମାତକାତପୁର ଓ ପଣସୁଧା ରାଜସ୍ୱ ମୌଜାକୁ ୧୯୨୯ ପରେ ଆଉ ଚକବନ୍ଦି କିମ୍ବା ବନ୍ଦବୋସ୍ତ କରାଯାଇନାହିଁ। ଏହି ରାଜସ୍ୱ ମୌଜାଗୁଡିକ ୧୯୨୬-୨୭ରେ ବନ୍ଦବୋସ୍ତ କରାଯାଇ ୧୯୨୯ରେ ନକ୍ସା ଓ ଜମି ପଟ୍ଟା ବଣ୍ଟନ କରାଯାଇଥିଲା। ସେ ସମୟରେ ଯେଉଁ ଜମି ମାଲିକ ଥିଲେ, ସେମାନେ ଏବେ ସ୍ୱର୍ଗବାସ କରି ସାରିଛନ୍ତି। ଏପରିକି ତାଙ୍କର ୩ କିମ୍ବା ୪ ପିଢ଼ି ଯାଇ ସାରିଲେଣି। କିନ୍ତୁ ଏହି ଘର କିମ୍ବା ଜମି ମାଲିକଙ୍କ ନାମ ପରିବର୍ତ୍ତନ କରିବା କିମ୍ବା ସଂଶୋଧନ ହୋଇ ପାରୁନାହିଁ। ଉକ୍ତ ତହସିଲ ଅଧୀନରେ ରହିଛି ୨୫୯ ରାଜସ୍ୱ ଗ୍ରାମ। ୧୯୮୨-୮୩ରେ ଜମିଜମା ସଂଶୋଧନ ପ୍ରକ୍ରିୟା ଆରମ୍ଭ ହୋଇ ୮୮ରେ ଶେଷ ହୋଇଥିଲା। ଏହି ୯ ରାଜସ୍ୱ ଗ୍ରାମକୁ ସୀମା ନିର୍ଦ୍ଧାରଣ ନ କରି ପାରି ବଞ୍ଚିତ କରାଗଲା। କେତେକ ମୌଜା ୯ ଧାରା ଓ କେତେକ ମୌଜା ୧୩ ଧାରା ଚାଲିଥିବାବେଳେ ସଂଶୋଧନ ପ୍ରକ୍ରିୟା ବନ୍ଦ କରିଦେବାରୁ ଏହା ଚକବନ୍ଦୀ କିମ୍ବା ବନ୍ଦୋବସ୍ତ ହୋଇ ପାରିଲାନାହିଁ। ଫଳରେ ଆଉ ଜମି ପଟ୍ଟା ମିଳିଲା ନାହିଁ। ସେଥିପାଇଁ ଏହି ଗ୍ରାମ ଗୁଡିକରେ ରହୁଥିବା ପ୍ରାୟ ୧୫ ହଜାର ପରିବାର ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଜମି ପଟ୍ଟା ନ ଥିବାରୁ ବ୍ୟାଙ୍କ ଋଣ, ଜାତି ପ୍ରମାଣପତ୍ର ଓ ବାସ ପ୍ରମାଣ ପତ୍ର ଆଦି ମିଳୁନାହିଁ। ଏପରିକି କୃଷକମାନେ ବନ୍ୟା, ବାତ୍ୟା ଓ ମରୁଡି ପ୍ରଭାବିତ ହେଲେ ସରକାରୀ ସାହାଯ୍ୟ ବା କ୍ଷତିପୂରଣ ପାଇ ପାରୁନାହାନ୍ତି। ଏହା ମଧ୍ୟରେ ସଂପୃକ୍ତ ମୌଜାର ଜମି ୮ରୁ ୧୦ ଥର ବିକ୍ରି ହୋଇ ଗଲାଣି। ସରକାର ଯଦି ଜମି ଅଧିଗ୍ରହଣ କରିବା ସମୟରେ ୧୯୨୯ର ଜମି ପଟ୍ଟା ଖୋଜୁଛନ୍ତି। ଏପରିକି ଏହି ମୌଜା ଦେଇ ଯାଇଥିବା ହରିଦାସପୁର-ପାରାଦୀପ ରେଳପଥରେ ଜମି ହରାଇଥିବା କିଛି ଜମି ମାଲିକ ପୁରୁଣା ପଟ୍ଟା ସଂଗ୍ରହ ନ କରିପାରିବା ଯୋଗୁ ପ୍ରାପ୍ୟ ପାଇବାରୁ ବଞ୍ଚିତ ହୋଇଛନ୍ତି।

ସେହିପରି ଜଳସେଚିତ ଓ ଅଣଜଳସେଚିତ ଜମିର କିସମ ପରିବର୍ତ୍ତନ ମଧ୍ୟ ହୋଇ ପାରିନାହିଁ। ତେଣୁ ତୁରନ୍ତ ଏଭଳି ସମସ୍ୟାର ସମାଧାନ ପାଇଁ ସ୍ଥାନୀୟ ଅଞ୍ଚଳବାସୀ ଦାବି କରିଛନ୍ତି। ଏ ସମ୍ପର୍କରେ ଦର୍ପଣ ତହସିଲଦାର ମାନସ କୁମାର ତ୍ରିପାଠୀଙ୍କୁ ପଚାରିବାରୁ ସେ କହିଛନ୍ତି, ଖୁବ୍‌ଶୀଘ୍ର ହାଇଟେକ ସର୍ଭେ କରାଯାଇ ୬ଟି ମୌଜା ସଂଶୋଧନ କରାଯିବ। ଅନ୍ୟ ୩ଟି ମୌଜାର ମାମଲା କୋର୍ଟରେ ବିଚାରାଧୀନ ଥିବାରୁ ପରବର୍ତ୍ତୀ ସମୟରେ ଏହାର ସର୍ଭେ କରାଯିବ।

## ଡିଲରଙ୍କୁ ଘେରିଲେ ଗ୍ରାମବାସୀ

### ଖାଉଟି ସାମଗ୍ରୀ ବଣ୍ଟନରେ ହେରଫେର ଅଭିଯୋଗ

**ଖଇରା,୨୩।୬(ଉତ୍କଳବନ୍ଧୁ ପଣ୍ଡା)**

ଖଇରା ବ୍ଲକ ଗୋବିନ୍ଦପୁର ପଞ୍ଚାୟତ ଅଧୀନ ପଳାସପୁର ଗାଁରେ ଥିବା ଡିଲର ଖାଉଟି ସାମଗ୍ରୀ ବଣ୍ଟନ ହେରଫେର କରୁଥିବା ନେଇ ଗ୍ରାମବାସୀମାନେ ଅଭିଯୋଗ କରିଛନ୍ତି। ରବିବାର ସନ୍ଧ୍ୟାରେ ଜଣେ ହିତାଧିକାରୀଙ୍କୁ ଏକ ସଙ୍ଗରେ ୧ କୁଇଣ୍ଟାଲ ଚାଉଳ ଦେଉଥିବା ବେଳେ ଗ୍ରାମବାସୀଙ୍କର ସନ୍ଦେହ ହୋଇଥିଲା। ଏହା ବିକ୍ରି ପାଇଁ ଡିଲର ପଠାଉଥିବା ସନ୍ଦେହରେ ଗ୍ରାମବାସୀ ଚାଉଳକୁ ଅଟକ ରଖିଥିଲେ। ସୋମବାର ବ୍ଲକ ଯୋଗାଣ ଅଧିକାରୀ ଆସି ତଦନ୍ତ କରିବା ପରେ ଅବଶିଷ୍ଟ ଚାଉଳ ବାଣ୍ଟିବାକୁ ଦିଆଯିବ ବୋଲି ଗ୍ରାମର ଗଜେନ୍ଦ୍ର ଗିରି, ଉପେନ୍ଦ୍ର ପ୍ରସାଦ ଭୂୟାଁ, ରମାକାନ୍ତ ମହାନ୍ତି, ଅଜିତ ମହାନ୍ତି, ଲକ୍ଷ୍ମୀକାନ୍ତ ନାୟକ, ମନୋରଞ୍ଜନ ମହାନ୍ତି , ପ୍ରଫୁଲ୍ଲ ସାମଲ ପ୍ରମୁଖ କହିଛନ୍ତି। ଏ ନେଇ ଖାଉଟି ସାମଗ୍ରୀ ବିକ୍ରେତାଙ୍କୁ ପଚାରିବାରେ ସେ ହିତାଧିକାରୀଙ୍କୁ ୪ ମାସ ହେବ ଚାଉଳ ଦେଇ ନ ଥିଲେ। ସେଥିପାଇଁ ଏକା ସମୟରେ ୧ କୁଇଣ୍ଟାଲ ଚାଉଳ ଦେଇଥିବା କହିବା ସହିତ ଦୁର୍ନୀତି ହେଉଥିବା ଅଭିଯୋଗକୁ ଖଣ୍ଡନ କରିଛନ୍ତି।

## ଖରସ୍ରୋତା ନଦୀବନ୍ଧ ରାସ୍ତା ଶୋଚନୀୟ



**ସିଂହପୁର,୨୩।୬(ଅନଙ୍ଗ ଉଦୟ ବେଉରିଆ):**

ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ କଣଛନ୍ଦା ଗ୍ରାମର ଖରସ୍ରୋତା ସେତୁଠାରୁ ଜରି ନୂଆମାହାର ସେତୁ ପର୍ଯ୍ୟନ୍ତ ନଦୀ ବନ୍ଧ ରାସ୍ତା ଏବେ ଶୋଚନୀୟ ହୋଇପଡିଛି। ଗତ ବର୍ଷ ରାସ୍ତା ପ୍ରଶସ୍ତୀକରଣ କରାଯାଇଥିଲା। ମାତ୍ର ଅଧିକାଂଶ ସ୍ଥାନରେ ମାଟି ରାସ୍ତା ରହିଥିବାରୁ ବର୍ଷା ଅସରାଏ ହେଲେ କାଦୁଅରେ ଯାତାୟାତ କରିବା ଲୋକଙ୍କ ପାଇଁ କଷ୍ଟକର ହୋଇପଡ଼ିଛି। ଏହି ସ୍ଥାନରେ ପିଚୁ କରାଯିବ ବୋଲି ଲୋକେ ଦାବି କରିଆସୁଥିଲେ ମଧ୍ୟ ଏ ପର୍ଯ୍ୟନ୍ତ ତାହା ହୋଇ ପାରିନାହିଁ। ଫଳରେ ଏବେ ବର୍ଷା ଋତୁ ଆରମ୍ଭ ହୋଇଥିବାରୁ ଲୋକେ ଯାତାୟାତରେ ହୀନସ୍ତା ଭୋଗୁଥିବା ଦେଖିବାକୁ ମିଳୁଛି। ତେଣୁ ତୁରନ୍ତ ରାସ୍ତା ପିଚୁ କରିବାକୁ ଜନସାଧାରଣଙ୍କ ପକ୍ଷରୁ ଦାବି ହୋଇଛି।

## କାଠ ବୋଝେଇ ଗାଡ଼ି ଜବତ, ଡ୍ରାଇଭର ଫେରାର

**ମୋରଡ଼ା, ୨୩।୬ (ସ୍ମାରକ ମାଜୀ)**

ମୟୂରଭଞ୍ଜ ଜିଲା ରାସଗୋବିନ୍ଦପୁର ରେଞ୍ଜ୍‌ର ବନ ବିଭାଗ କର୍ମଚାରୀ ଶୁଳିଆପଦା ବ୍ଲକର ଧାତିକା ଗ୍ରାମ କେନାଲ ରାସ୍ତାରୁ ଏକ କାଠ ବୋଝେଇ ପିକ୍‌ଅପ୍ ଭ୍ୟାନ୍ ଜବତ କରିଛନ୍ତି। ସୂଚନା ଅନୁଯାୟୀ, ଶନିବାର ବିଳମ୍ବିତ ରାତିରେ ଧାତିକା ଗ୍ରାମର କେନାଲ ରାସ୍ତାରେ ଏକ ବେଆଇନ କାଠ ବୋଝେଇ ପିକ୍‌ଅପ୍ ଭ୍ୟାନ୍ ପଡ଼ୋଶୀ ପଶ୍ଚିମବଙ୍ଗକୁ ଯାଉଥିବା ନେଇ କୌଣସି ସୂତ୍ରରୁ ବନ ବିଭାଗ ଖବର ପାଇଥିଲା। ରେଞ୍ଜର ଘନଶ୍ୟାମ ସିଂ, ଫରେଷ୍ଟର ଅଶୋକ ନାଏକ, ଅଶୋକ ମାଝୀ ଓ ସୁରଜ ମହାପାତ୍ର ଉକ୍ତ ରାସ୍ତାରେ ଜଗି ରହି କାଠ ବୋଝେଇ ଗାଡ଼ିକୁ ଜବତ କରିଥିଲେ। ଡ୍ରାଇଭର ଘଟଣାସ୍ଥଳରୁ ଫେରାର ହୋଇଯାଇଛନ୍ତି। ଉକ୍ତ ଗାଡ଼ିରେ ଆନୁମାନିକ ୪୦ ହଜାର ଟଙ୍କାର କାଠ ଥିବା ରେଞ୍ଜର ସିଂ କହିଛନ୍ତି।

## ଶ୍ୟାମା ପ୍ରସାଦ ମୁଖାର୍ଜୀଙ୍କ ବଳିଦାନ ଦିବସ

**ଯାଜପୁର ଟାଉନ,୨୩।୬ (ପ୍ରଯକ୍ତା ପ୍ରିୟଦର୍ଶିନୀ ମହାନ୍ତି):**

ଯାଜପୁର ବୁଢ଼ାଘାଟସ୍ଥିତ ମଣ୍ଡପରେ ରବିବାର ଭାରତୀୟ ଜନତା ପାର୍ଟି ତରଫରୁ ଡ. ଶ୍ୟାମା ପ୍ରସାଦ ମୁଖାର୍ଜୀଙ୍କ ବଳିଦାନ ଦିବସ ପାଳିତ ହୋଇଯାଇଛି। ଏଥିରେ ଜିଲା ସାଧାରଣ ସମ୍ପାଦକ ସୁଦୀପ୍ତ କୁମାର ପଣ୍ଡା ସଭାପତିତ୍ୱ କରିଥିଲେ। ମଣ୍ଡଳ ସଭାପତି ସୁରେଶ ରାଉତ, ମନ୍ମଥ ବରାଳ, ଜିତାମିତ୍ର ଦାସ ଓ ସଞ୍ଜୟ ସିଂ ପ୍ରମୁଖ ମଞ୍ଚାସୀନ ଥିଲେ। ଭାଜପା ଜିଲା ସଭାପତି ଗୌତମ ରାୟ ଯୋଗଦେଇ ଶ୍ୟାମା ପ୍ରସାଦଙ୍କ ବଳିଦାନ ସମ୍ପର୍କରେ ଆଲୋଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସୁଧାଂଶୁ ବେହେରା, ମହେନ୍ଦ୍ର ରାଉତ, ପ୍ରଶାନ୍ତ ଲାନି, ମହେଶ୍ୱର ଦାସ, କେଶବ ମିଶ୍ର, ରଜନୀକାନ୍ତ ପଣ୍ଡା, ଉପେନ୍ଦ୍ର ପଣ୍ଡା, ନିରଞ୍ଜନ ବଳ, କୁଳମଣି ପରିଡ଼ା, ଶ୍ରୀଧର ବିଶ୍ୱାଳ, ଅନିଲ ମହାପାତ୍ର, ତପନ ନନ୍ଦ, ଜିତେନ୍ଦ୍ର ବେହେରା, ରମେଶ ଦାସ, ରଶ୍ମି ସାହୁ, ବିଜୟ ଜେନା, ବିକ୍ରମ ପହି, ସନ୍ତୋଷ ନନ୍ଦ, ଗୌରାଙ୍ଗ ଘଡେଇ, ବିଶ୍ୱଜିତ୍ ବରାଳ, ହୃଷୀକେଶ ମେକାପ, ପ୍ରଫୁଲ୍ଲ ସାହୁ, ରାଜେନ୍ଦ୍ର ରାୟ, ଗୋପ ସାହୁ, ହୃଷୀକେଶ ବାରିକ, ଚନ୍ଦ୍ରଶେଖର ରାୟ ଓ ବିଜନ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।



ଶ୍ୟାମା ପ୍ରସାଦ ମୁଖାର୍ଜୀଙ୍କ ବଳିଦାନ ଦିବସରେ ଯୋଗଦେଇଥିବା ଅତିଥି ଓ ଅନ୍ୟମାନେ।

## ଅନାବନା ଗଛଲତାରେ ପୋତି ହୋଇଗଲାଣି କେନାଲ



କେନାଲ ପୋତି ହୋଇଯାଇଛି।

**କାଏମା,୨୩।୬(ଶିବପ୍ରସାଦ ମହାନ୍ତି):**

### କେନାଲ ବନ୍ଧ ଦିଶୁନି, ଯାତାୟାତ ପ୍ରଭାବିତ

ଧର୍ମଶାଳା ବ୍ଲକ ଅନ୍ତର୍ଗତ ବଡ଼କାଏମା ପଞ୍ଚାୟତର କାଏମା ଅଞ୍ଚଳ ଦେଇ ଯାଇଥିବା ୧୪ ନମ୍ବର କେନାଲ ଅନାବନା ଗଛଲତାରେ ପୋତି ହୋଇଗଲାଣି। ସେହିପରି କେନାଲ ବନ୍ଧ ରାସ୍ତାରେ ଅନାବନା ଗଛଲତା ମାଡ଼ିଯିବାରୁ ରାସ୍ତା ଲୁଚିଗଲାଣି। ଫଳରେ କେନାଲରେ ପାଣି ଆସିବାରେ ସମସ୍ୟା ଉପୁଜିବା ସହ ସ୍ଥାନୀୟ ସ୍କୁଲ ପିଲାଙ୍କ ଯାତାୟାତ ପ୍ରଭାବିତ ହୋଇଛି।

ଏହି ବ୍ଲକ ଅନ୍ତର୍ଗତ ୧୪ନମ୍ବର କେନାଲ ଦ୍ୱାରା ହାଜର ହାଜର ହେକ୍ଟର ଚାଷଜମି ଜଳ ସେଚିତ ହେଉଛି। କିନ୍ତୁ ବହୁ ଦିନ ହେବ କେନାଲରେ ପାଣି ଆସୁନି, ଯଦ୍ୱାରା କେନାଲ ଭିତରେ ଓ ବାହାରେ ଗଛ ଲତା ବଢ଼ି ଜଙ୍ଗଲ ଭଳି ଦେଖାଯାଉଛି। କେନାଲ ବନ୍ଧ ସମ୍ପୂର୍ଣ୍ଣ ଭାବେ ଅଳିହା ଆବର୍ଜନା ଓ ଅନାବନା ଗଛରେ ପୁରି ରହିଛି। ଏହାମଧ୍ୟରୁ ଅନେକ ସମୟରେ ସରୀସୃପ ବାହାରୁ ଥିବା ମଧ୍ୟ ଦେଖିବାକୁ ମିଳୁଛି। କେନାଲ ବନ୍ଧ କଡ଼ରେ କାଏମା ୟୁପି ସ୍କୁଲ ରହିଛି। ଏବେ ସ୍କୁଲ ଖୋଲି ଥିବାବେଳେ ଛାତ୍ରୀଛାତ୍ର ଏହି ରାସ୍ତାରେ ସ୍କୁଲକୁ ଆସୁଛନ୍ତି। ବିପଦ ଥିଲେ ବି ପ୍ରତ୍ୟେକ ଦିନ ପିଲାମାନେ ଏହି ବାଟ ଦେଇ ଯିବା ଆସିବା କରିବାକୁ ବାଧ୍ୟ ହେଉଛନ୍ତି। କେନାଲ ସଫା କରିବା ଓ ବନ୍ଧକୁ ସୁରକ୍ଷା ଦେବା ସହ ମରାମତି ପାଇଁ ବ୍ୟବସ୍ଥା ଥିଲେ ବି କେତେଜଣ ବିଭାଗୀୟ କର୍ମଚାରୀ ଓ ଯନ୍ତ୍ରୀଙ୍କ ଅବହେଳା ଯୋଗୁ ସ୍କୁଲ ପିଲାଙ୍କଠାରୁ ଆରମ୍ଭ କରି ଚାଷୀମାନେ ହଇରାଣ ହରକତ ହେଉଛନ୍ତି। ଅନ୍ୟପକ୍ଷରେ ଏହି କେନାଲ ବନ୍ଧଠାରୁ କାଏମା ଜଳସେଚନ ବିଭାଗ ଅଧିକାରୀଙ୍କ କାର୍ଯ୍ୟାଳୟ ମାତ୍ର ପାଞ୍ଚ ଶହ ମିଟର ଦୂର ହୋଇଥିଲେ ବି ସେମାନଙ୍କ ଦୃଷ୍ଟି ପଡୁ ନ ଥିବା ଆଲୋଚନାର ବିଷୟ ପାଲଟିଛି। ଜଳସେଚନ ବିଭାଗ କାର୍ଯ୍ୟାଳୟ ଦିନରେ ବନ୍ଦ ରହୁଥିବା ବେଳେ ଏହାର ଚର୍ତୁପାଶ୍ୱରେ ଅନେକ ଖାଲି ମଦ ବୋତଲ ପଡ଼ିଥିବା ଲୋକେ ଦେଖିବାକୁ ପାଉଥିବା ଅଭିଯୋଗ କରିଛନ୍ତି। ଏହା ଉପରେ ତୁରନ୍ତ ପ୍ରଶାସନ ଦୃଷ୍ଟି ଦେବାକୁ ଦାବି ହୋଇଛି। ଏ ସମ୍ପର୍କରେ ପ୍ରତିକ୍ରିୟା ପାଇଁ କାଏମା ଜଳସେଚନ ବିଭାଗର କନିଷ୍ଠ ଯନ୍ତ୍ରୀ ଚକ୍ରଧର ଜେନାଙ୍କୁ ଫୋନ ଯୋଗେ ଯୋଗାଯୋଗ କରାଯାଇଥିଲେ ମଧ୍ୟ ସେ ଫୋନ୍ କଲ୍ ଗ୍ରହଣ କରି ନଥିଲେ।

## ରଜାବସା ପଡ଼ିଆରୁ ମହିଳାଙ୍କ ମୃତଦେହ ଜବତ

**ବାରିପଦା,୨୩।୬(ନୀଳାଦ୍ରି ବିହାରୀ ଦଣ୍ଡପାଟ)**

ମୟୂରଭଞ୍ଜ ଜିଲା ବାରିପଦା ସଦର ଥାନା ଅଧୀନ ରଜାବସା ପଡ଼ିଆରୁ ରବିବାର ଜନୈକା ମହିଳାଙ୍କ ମୃତଦେହକୁ ପୋଲିସ ଜବତ କରିଛି । ମୃତକ ଜଣକ ହେଲେ ସ୍ଥାନୀୟ ରଜାବସା ଅଞ୍ଚଳର ଗୋଲାପୀ ମଣି ଟୁଡୁ। ଖବରପାଇ ବାରିପଦା ସଦର ଥାନା ଅଧିକାରିଣୀ ମଧୁସ୍ମିତା ମହାନ୍ତି ପହଞ୍ଚି ତଦନ୍ତ ପ୍ରକ୍ରିୟା ଆରମ୍ଭ କରିଛନ୍ତି। କୌଣସି କାରଣ ପାଇଁ ମହିଳାଙ୍କୁ ହତ୍ୟା କରି ପକାଇ ଦେଇଥିବାର ନେଇ ସନ୍ଦେହ କରାଯାଉଛି।

ସୂଚନା ଅନୁଯାୟୀ, ଶନିବାର ରାତିରେ ଗୋଲାପୀ ଘର ନିକଟରେ ଥିବା ସମ୍ପର୍କୀୟଙ୍କ ଘରେ ଶୋଇଥିଲେ। ସେଠାରେ କୌଣସି ବ୍ୟକ୍ତି ତାଙ୍କୁ ରାତିରେ ହତ୍ୟା କରି ଆଣି ପଡ଼ିଆରେ ପକେଇ ଦେଇଥିବାର ସନ୍ଦେହ କରାଯାଉଛି। ତେବେ ଏହା ପ୍ରେମ ଜନିତ ହତ୍ୟା ହୋଇଥାଇ ପାରେ ବୋଲି ତାଙ୍କ ଭାଇ ଅନୁମାନ କରି କହିଛନ୍ତି। ରବିବାର ସକାଳୁ ସ୍ଥାନୀୟ ଲୋକମାନେ ଦେଖି ବାରିପଦା ସଦର ଥାନା ପୋଲିସକୁ ଖବର ଦେଇଥିଲେ। ଘଟଣାସ୍ଥଳରେ ପୋଲିସ ପହଞ୍ଚି ସାଇଣ୍ଟିଫିକ ଟିମ ସହାୟତାରେ ପାରିପାର୍ଶ୍ୱିକ ସ୍ଥିତିର ଅନୁଧ୍ୟାନ କରିଛନ୍ତି। ଏଥି ସହିତ ମୃତଦେହକୁ ଶବ ବ୍ୟବଚ୍ଛେଦ ନିମନ୍ତେ ପିଆରଏମ ମେଡ଼ିକାଲ କଲେଜ ଏବଂ ହସ୍ପିଟାଲକୁ ପଠାଇଛନ୍ତି। ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର ପ୍ରକୃତ କାରଣ ଜଣାପଡିବ ବୋଲି ଆଇଆଇସି ମଧୁସ୍ମିତା ମହାନ୍ତି ପ୍ରକାଶ କରିଛନ୍ତି। ଏନେଇ ସଦର ଥାନାରେ ଏକ ମାମଲା (ନଂ.୧୧୮/୨୪) ରୁଜୁ ହୋଇଛି।

## ଗ୍ରାମରୁ ହରିଣ ଉଦ୍ଧାର

**ବନ୍ତ,୨୩।୬(ହରି ନାରାୟଣ ମହାନ୍ତି)**

ବନ୍ତ ବ୍ଲକର ଓଡ଼ଙ୍ଗ ଦାସସାହିରୁ ଏକ ହରିଣ ବନ ବିଭାଗ ଉଦ୍ଧାର କରିଛି। ଗତ ୨ଦିନ ଧରି ହରିଣଟି ସ୍ଥାନୀୟ ଅଞ୍ଚଳରେ ବୁଲୁଥିବା ବେଳେ ଗ୍ରାମବାସୀ ତାକୁ ଧରିବାରେ ସଫଳ ହୋଇପାରି ନ ଥିଲେ। ରବିବାର ପୂର୍ବାହ୍ନରେ ହରିଣଟି ଦାସସାହି ନିକଟରେ ଥିବା ଏକ କମ୍ୟୁନିଟି ସେଣ୍ଟର ଭିତରକୁ ପଶିଯାଇଥିଲା। ଗ୍ରାମବାସୀ ବନ ବିଭାଗକୁ ଖବର ଦେଇଥିଲେ। ବନ ବିଭାଗ କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ହରିଣଟିକୁ ଧରି ସାଥୀରେ ନେଇଯାଇଥିଲେ। ହରିଣଟି ହଦଗଡ଼ ଅଞ୍ଚଳରୁ ବାଟବଣା ହୋଇ ପଳାଇ ଆସିଥିବା ଅନୁମାନ କରାଯାଇଛି।

न्यायालय श्रीमान समक्ष
अतिरिक्त कुटुम्ब न्यायालय, प्रथम
जमशेदपुर, पूर्वी सिंहभूम
मूल वाद नं0-245/2022
सागर सामल ... ... ... ...आवेदक
बनाम
संध्या रानी सामल ... ... ... ...विपक्षी
न्यायालय सूचना
श्रीमति संध्या रानी सामल
पिता - श्री बाबला सामल
पता - गांव - नुआगढ, थाना - रघुनाथपुर,
पो0-रेड्डुआ, जिला - जगत सिंहपुर,
राज्य - ओडिशा, पिन - ७५४१०४
एतद् द्वारा आपको सुचित किया जाता हे कि आवेदक श्री सागर सामल, पिता - हरि सामल, पता - मकदमपुर (पंजाबी लाईन) सोसाईटी कॉलोनी, थाना - परसुडीह, जिला - पूर्वी सिंहभूम, जमशेदपुर, झारखण्ड द्वारा आपके विरुद्ध हिन्दु विवाह अधिनियम 1955 की धारा 9 के अर्न्तगत उपरोक्त न्यायालय में वैवाहिक अधिकारों की बहाली से संबधित केस दायर किया है।
आपको यह सूचित किया जाता है कि आप स्वयं या अधिवक्ता के माध्यम से दिनांक 10.07.24 समय 10.30 A.M को न्यायालय में उपस्थित होकर अपना पक्ष रखें। अन्यथा आपके अनुपस्थिति में केस की एकतरफा सुनवाई की जायेगा। आज दिनांक 31.05.2024 को परित किया जायेगा
Sd./- अतिरिक्त कुटुम्ब न्यायालय, प्रथम
पूर्वी सिंहभूम, जमशेदपुर

## ନିଖିଳ ଉତ୍କଳ ସଂସ୍କୃତି ମହାମଣ୍ଡଳର ଜିଲାସ୍ତରୀୟ ବୈଠକ



ବୈଠକରେ ଯୋଗଦେଇଥିବା ଅତିଥି ଓ ଅନ୍ୟମାନେ।

**ଜେନାପୁର,୨୩।୬(ଅଶୋକ ଦାସ):**

ଧର୍ମଶାଳା ବ୍ଲକ ଅନ୍ତର୍ଗତ ଶ୍ୟାମସୁନ୍ଦରପୁର ନବକିଶୋର ମେମୋରିଆଲ ସଂସ୍କୃତ ବିଦ୍ୟାଳୟ ପରିସରରେ ନିଖିଳ ଉତ୍କଳ ସଂସ୍କୃତି ମହାମଣ୍ଡଳର ଜିଲାସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ପଣ୍ଡିତ ଭୀମସେନ ଭୂୟାଁଙ୍କ ସଭାପତିତ୍ୱରେ ସମ୍ମାନିତ ଅତିଥିଭାବେ ଗଦାଧର ସଂସ୍କୃତ ବିଦ୍ୟାଳୟ ପ୍ରଧାନ ପଣ୍ଡିତ ଅକ୍ଷୟ କୁମାର ମହାଲିକ, ଜିଲା ସମ୍ପାଦକ ନବକୁମାର ପଣ୍ଡା, ପଣ୍ଡିତ ପୂର୍ଣ୍ଣଚନ୍ଦ୍ର ପଣ୍ଡା, ଆଲୋକ କୁମାର ସାମଲ, ମନୋରଞ୍ଜନ ପ୍ରଧାନ, ପଦ୍ମନାଭ ପ୍ରଧାନ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି କାହ୍ନୁଚରଣ ସାହୁ ପ୍ରମୁଖ ଯୋଗଦେଇ ଶିକ୍ଷକ ଓ ଶିକ୍ଷାନୁଷ୍ଠାନ ଉପରେ ଆଲୋଚନା କରିଥିଲେ। ପ୍ରାରମ୍ଭରେ ନବଘନ ପ୍ରଧାନ ଓ ତାଙ୍କ ସ୍ତ୍ରୀ ରଙ୍କଲତା ପ୍ରଧାନଙ୍କ ଆମର ଆତ୍ମାର ସଦ୍‌ଗତି ନିମନ୍ତେ ନୀରବ ପ୍ରାର୍ଥନା କରାଯାଇଥିଲା। ବିଦ୍ୟାଳୟର ସହକାରୀ ପଣ୍ଡିତ ଲକ୍ଷ୍ମୀଧର ନାୟକ ଅତିଥି ପରିଚୟ ଦେଇଥିଲେ। ବିଦ୍ୟାଳୟ ସହକାରୀ ପଣ୍ଡିତ ଇନ୍ଦୁମତୀ ଖିଲାର, ସନାତନ ବେହେରା, ବରିଷ୍ଠ ଶିକ୍ଷକ ରାହସ ବିହାରୀ ମଲ୍ଲିକ ଓ ଶ୍ରୀକାନ୍ତ ପ୍ରଧାନଙ୍କ ସମେତ ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀଶିକ୍ଷକ ଓ ପରିଚାଳନା କମିଟିର ସଭ୍ୟାସଭ୍ୟ ଯୋଗଦେଇ ସହଯୋଗ କରିଥିଲେ। ଶିକ୍ଷକ ରୋହିତ କୁମାର ଦାସ ଧନ୍ୟବାଦ ଦେଇଥିଲେ।

## ଅଭିଯୁକ୍ତଙ୍କ ଗିରଫ ଦାବିରେ ବିକ୍ଷୋଭ

### ଦଳିତ ଓକିଲଙ୍କୁ ଆକ୍ରମଣ ଘଟଣା

**ଯାଜପୁରରୋଡ୍,୨୩।୬(ପବିତ୍ର ରଞ୍ଜନ ମହାନ୍ତି):**

ଜଣେ ଦଳିତ ଓକିଲଙ୍କୁ ଆକ୍ରମଣ ଘଟଣାରେ ଥାନାରେ ଏତଲା ପଞ୍ଜୀକୃତ ହୋଇଛି। ଏହା ପରେ ମଧ୍ୟ ଆକ୍ରମଣ ପାଇଁ ଯୋଜନା ହେଉଥିବା ଅଭିଯୋଗ ହୋଇଛି। ହେଲେ ଅଭିଯୁକ୍ତଙ୍କୁ ଧରିବାରେ ପୋଲିସ ବିଫଳ ହୋଇଛି, ଯାହାକୁ ନେଇ କୋରେଇ ମୂଳନିବାସୀ ୟୁନାଇଟେଡ୍ ଫୋରମ ପକ୍ଷରୁ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଏଥିସହିତ ଅଭିଯୁକ୍ତଙ୍କୁ ଗିରଫ ଦାବିରେ ରବିବାର ସନ୍ଧ୍ୟାରେ ଯାଜପୁରରୋଡ୍‌ର ଗୋପବନ୍ଧୁ ଛକଠାରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ପରେ ଏସ୍‌ପିଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଯାଜପୁରରୋଡ ଥାନା ଅଧିକାରୀଙ୍କ ଜରିଆରେ ପ୍ରଦାନ କରାଯାଇଛି।



ଯାଜପୁର ଆରକ୍ଷୀ ଅଧୀକ୍ଷକଙ୍କ ଉଦ୍ଦେଶ୍ୟରେ ଯାଜପୁର ରୋଡ୍ ଥାନାଧିକାରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

ଅଭିଯୋଗ ମୁତାବକ, ଯାଜପୁର ଜିଲା ସୁକିନ୍ଦା ତହସିଲରେ କାର୍ଯ୍ୟରତ କଳିଙ୍ଗନଗର ଥାନା ବାରାଗାଡ଼ିଆ ଗ୍ରାମର ସରକାରୀ ଆଇନଜୀବୀ ପ୍ରହଲ୍ଲାଦ ମଲିକଙ୍କୁ ଆକ୍ରୋମଣ ହୋଇଥିଲା। ଏ ସମ୍ପର୍କରେ ସେ କଳିଙ୍ଗନଗର ଥାନାରେ ଅଭିଯୋଗ କରିଥିଲେ। ଏକଥା ଅଭିଯୁକ୍ତ ଜାଣିବା ପରେ ବାରାଗାଡ଼ିଆ ଦଳିତ ସାହିକୁ ଘେରବନ୍ଦୀ କରି ରଖିବା ସହ ମୌଳିକ ଅଧିକାର ବଞ୍ଚିତ କରିଥିଲେ। ଆଇନଜୀବୀଙ୍କୁ ଜୀବନରୁ ମାରିଦେବାକୁ ଯୋଜନା କରିଥିଲେ। ଏକଥା ଜାଣିବା ପରେ ମୂଳନିବାସୀ ୟୁନାଇଟେ୍‌ଡ ଫୋରମର କରେଇ ସଭାପତି ସହଦେବ ଜେନା, ଉପସଭାପତି ବଳରାମ ଜେନା, କ୍ଷୀରୋଦ ଦାସ, ପ୍ରଫୁଲ୍ଲ ମଲ୍ଲିକ, ବିଶ୍ୱନାଥ ଜେନା, ବିଜୟ ମଲ୍ଲିକ ଓ ପ୍ରିୟବ୍ରତ ଜେନାଙ୍କ ନେତୃତ୍ୱରେ କର୍ମକର୍ତ୍ତା ଏକ ଶୋଭାଯାତ୍ରାରେ ଆସି ଗୋପବନ୍ଧୁ ଛକରେ ବିକ୍ଷୋଭ ପ୍ରଦର୍ଶନ କରି ଆଇନଜୀବୀ ପ୍ରହଲ୍ଲାଦଙ୍କୁ ସୁରକ୍ଷା ପ୍ରଦାନ ସହ ଆକ୍ରମଣକାରୀଙ୍କୁ ଅବିଳମ୍ବେ ଗିରଫ ପାଇଁ ଦାବି କରିଛନ୍ତି।

ଗତ ୧୬ ତାରିଖ ସନ୍ଧ୍ୟାରେ ବାରାଗାଡ଼ିଆର ମୋନଜ ଦାସ(ଟୁବୁଲୁ), ଶୁଭମ ଦେଓ (ଗୁଡୁ)ଙ୍କ ସହ ଅନ୍ୟ ଜଣେ ଯୁବକ ଆଇନଜୀବୀଙ୍କ ଘରକୁ ଆସି ଗାଳିଗୁଲଜ କରି ଆକ୍ରମଣ କରିବାକୁ ଧମକ ଚମକ ଦେଇଥିଲେ। ପରେ ପ୍ରହଲ୍ଲାଦଙ୍କୁ ମନୋରଞ୍ଜନ ଦେଓ (ପାପୁନା), ଜ୍ଞାନରଞ୍ଜନ ଦେଓ, ବିଶ୍ୱଜିତ ନାୟକ, ସୁନୀଲ ଦେଓ, ବାପି ନାୟକ, ଟିକୁ ଦେଓ, ଜୀବନଜିତ ଦେଓ ପ୍ରମୁଖ ରାସ୍ତାରେ ଜାତିଭେଦକୁ ନେଇ ଗାଳିଗୁଲଜ କରିବା ସହ ମାଡ଼ ମାରିଥିଲେ। ଏ ସମ୍ପର୍କରେ ଆଇନଜୀବୀ ପ୍ରହଲ୍ଲାଦ କଳିଙ୍ଗନଗର ଥାନାରେ ଅଭିଯୋଗ କରି ନିରାଶ ହେବାପରେ ଏସପିଙ୍କ ହସ୍ତକ୍ଷେପ ଲୋଡ଼ିଥିଲେ। ଯାଜପୁର ଅତିରିକ୍ତ ଆରକ୍ଷୀ ଅଧୀକ୍ଷକଙ୍କ ନିର୍ଦ୍ଦେଶକ୍ରମେ ଏତଲା ପଞ୍ଜୀକୃତ କରାଯାଇଥିଲା। ହେଲେ ପୋଲିସ କାହାକୁ ଗିରଫ କରିନଥିଲା। ଫଳରେ ପୋଲିସର ନିଷ୍କ୍ରିୟତା ସୁଯୋଗରେ ଉପରୋକ୍ତ ଆକ୍ରମଣକାରୀ ପ୍ରହଲ୍ଲାଦଙ୍କୁ ହତ୍ୟା କରିବାକୁ ଷଡ଼ଯନ୍ତ୍ର ରଚିଥିଲେ।

ପୂର୍ବ ତଟ ରେଳପଥ
ଟେଣ୍ଡର ସଂ. MCSW-Scrap-Dis-24-25-14
କାର୍ଯ୍ୟର ନାମ : ରେଳ ଡ଼ବା ମରାମତି କାରଖାନା, ମଞ୍ଚେଶ୍ୱରଠାରେ ପଲିକ୍ରାକ୍ (Polycrack) ୟୁନିଟ୍ ପଛରେ ଥିବା ଅଂଚଳରେ ଶୂନ୍ୟ ମୂଲ୍ୟ / କମ୍ ମୂଲ୍ୟ ସ୍କ୍ରାପ୍‌କୁ ଅଲଗା କରିବା ତଥା ଏକ ଅନୁମୋଦିତ ପ୍ରାଧିକୃତ ଏଜେନ୍ସି ଦ୍ୱାରା ସ୍ଥାନୀୟ ସଂସ୍ଥାର ସ୍ୱୀକୃତ ଅଳିଆଗଦାସ୍ଥିତ ରେଳବାଇ ପରିସରରେ ସେଗୁଡ଼ିକର ଅପସାରଣ।
ବିଜ୍ଞାପିତ ମୂଲ୍ୟ (₹) : 36,91,477.90, EMD (₹) : 73,800.00, ଶେଷ ହେବା ଅବଧି : 06 ମାସ।
ବିଡ୍ ଆରମ୍ଭ ହେବା ତାରିଖ : ତା.25.06.2024 ରିଖ,
ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.09.07.2015 ରିଖ 1500 ଘଟିକାରେ।
ଏହି ଟେଣ୍ଡର ସନ୍ଦର୍ଭରେ ମାନୁଆଲ ଅଫରଗୁଡ଼ିକୁ ଅନୁମତି ଦିଆଯିବ ନାହିଁ ଏବଂ ସେହିଭଳି ପ୍ରାପ୍ତ ଯେକୌଣସି ମାନୁଆଲ ପ୍ରସ୍ତାବକୁ ଗ୍ରହଣ କରାଯିବ ନାହିଁ।
ଇ-ଟେଣ୍ଡର ନଥିପତ୍ର ସହିତ ସଂପୂର୍ଣ୍ଣ ବିସ୍ତୃତ ବିବରଣୀ ଏବଂ ଶୁଦ୍ଧିପତ୍ର www.ireps.gov.in ରେ ଉପଲବ୍ଧ ଅଟେ।
ଡେପୁଟି ଚିଫ୍ ମେକାନିକାଲ ଇଂଜିନିୟର(Prod), ରେଳ ଡବା ମରାମତି କାରଖାନା/ ମଞ୍ଚେଶ୍ୱର
PR-237/P/24-25

# ଜିଲାରେ ଡ୍ରେନ୍ ସମସ୍ୟା ସମାଧାନକୁ ଗୁରୁତ୍ୱ

## ଜିଲାସ୍ତରୀୟ ବିପର୍ଯ୍ୟୟ ପରିଚାଳନା କମିଟି ବୈଠକ

ଜଗତ୍‌ସିଂହପୁର, ୨୩।୬ (ପ୍ରମୋଦ କୁମାର ନାୟକ)

ଜଗତ୍‌ସିଂହପୁର ଏକ କୃଷିପ୍ରଧାନ ଜିଲା। କିନ୍ତୁ ଏ ଜିଲାରେ ଡ୍ରେନେଜ୍ ସମସ୍ୟା ଯୋଗୁ ଚାଷ ବାଧାପ୍ରାପ୍ତ ହେଉଛି। ପ୍ରତିବର୍ଷ ବର୍ଷାଦିନେ ଜଳ ନିଷ୍କାସନ ସମସ୍ୟା ଉତ୍କଟ ହେଉଛି। ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରସ୍ଥିତ ସଦ୍‌ଭାବନା ସଭାଗୃହରେ ଜିଲାସ୍ତରୀୟ ପ୍ରାକୃତିକ ବିପର୍ଯ୍ୟୟ କମିଟି ବୈଠକରେ ଏନେଇ ଉଦ୍‌ବେଗ ପ୍ରକାଶ ପାଇଛି। ଜିଲାପାଳ ଅନୁପମ ଶାହାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ବୈଠକରେ ରାଜ୍ୟ ଶିଳ୍ପ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ସମ୍ପଦ ସ୍ୱାଇଁ ଯୋଗଦେଇ ପାରାଦୀପଗଡ଼ରେ ସୃଷ୍ଟି ହେଉଥିବା କୃତ୍ରିମ ବନ୍ୟାକୁ ରୋକିବା ଦିଗରେ ଡ୍ରେନେଜ ଓ ଜଳସମ୍ପଦ ବିଭାଗ ଦାୟିତ୍ୱବାନ ହେବାକୁ ନିର୍ଦ୍ଦେଶ ଦେଇଥିଲେ। ଜିଲାରେ ୨୪ ଘଣ୍ଟିଆ କଣ୍ଟ୍ରୋଲ ରୁମ୍ ଦାୟିତ୍ୱରେ ଥିବା ଅଧିକାରୀମାନେ ଫୋନ ମାଧ୍ୟମରେ ପରାମର୍ଶ ଗ୍ରହଣ କରି ପରବର୍ତ୍ତୀ ପଦକ୍ଷେପ ଗ୍ରହଣ କରିବାକୁ ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମରେ ଜଗତ୍‌ସିଂହପୁର ବିଧାୟକ ଅମରେନ୍ଦ୍ର ଦାସ ଯୋଗଦେଇ ନାଗପୁର ଡ୍ରେନେଜ୍ ସହ ଡିହସାହି ଏବଂ ଜାମୁଗାଁ ଡାବରଠାରେ ସୃଷ୍ଟ ଜଳ ନିଷ୍କାସନ ସମସ୍ୟାର ତୁରନ୍ତ ସମାଧାନ ଉପରେ ଜୋର ଦେଇଥିଲେ। ସେ କହିଥିଲେ, ବୀରବରପାଟଣା, ରମ୍ଭାଦେଇପୁର ଓ ଗଳଧାରୀ ପଞ୍ଚାୟତର ଏରଡ଼ାଠାରେ ନଦୀବନ୍ଧ ପ୍ରତି ବିପଦ ସୃଷ୍ଟି ହୋଇଛି। ବାଲି ଓ ମାଟି ତାଡି ନିଆଯିବା ସାଙ୍ଗକୁ ଚୋରା ଚାଲାଣ ଯୋଗୁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଛି। ତେଣୁ ଏହି ନଦୀବନ୍ଧଗୁଡ଼ିକ ତୁରନ୍ତ ମରାମତି ହେବା ଆବଶ୍ୟକ। ଜଳମଗ୍ନ ହେଉଥିବା ପୋଲ ଉପରେ ବାଡ଼ ନିର୍ମାଣ କରିବାକୁ ବିଧାୟକ ବିଭାଗୀୟ ଅଧୀକ୍ଷଣ ଯନ୍ତ୍ରୀଙ୍କୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ବାଲିକୁଦା ଏରସମା ବିଧାୟକ ସାରଦା ପ୍ରସନ୍ନ ଜେନା କହିଥିଲେ, କୁଜଙ୍ଗ ଓ ଏରସମା ଅଞ୍ଚଳରେ ମାଛ ଧରାଳିମାନେ ଅଡ୍ଡା ବସାଉଥିବାରୁ ଜଳ ନିଷ୍କାସନ ପାଇଁ ସମସ୍ୟା ସୃଷ୍ଟି ହେଉଛି। ତହସିଲଦାର, ବିଡିଓ ଏବଂ ଜିଲା ମତ୍ସ୍ୟଅଧିକାରୀଙ୍କୁ ନେଇ ସମନ୍ୱୟ କମିଟି ମାଧ୍ୟମରେ ଏହାର ଆଶୁ ସମାଧାନ କରାଯିବା ଆବଶ୍ୟକ। ଏହାବାଦ୍ ବିପଦସଙ୍କୁଳ ଅବସ୍ଥାରେ ଥିବା ଆଶ୍ରୟସ୍ଥଳଗୁଡ଼ିକୁ ଭାଙ୍ଗି ଦେବାକୁ ସେ ଅତିରିକ୍ତ ଜିଲାପାଳ (ରାଜସ୍ୱ)ଙ୍କୁ କହିଥିଲେ। ହଂସୁଆ ନଦୀର ଜଳକୁ ବ୍ୟାରେଜ ନିର୍ମାଣ କରି ସୁପରିଚାଳନା କରାଯାଇପାରିଲେ ବନ୍ୟା ସମସ୍ୟାର ସମାଧାନ ହୋଇପାରିବ ବୋଲି ମତପ୍ରକାଶ ପାଇଥିଲା। କାର୍ଯ୍ୟକ୍ରମରେ ଏମ୍‌ପି ବିଭୁ ତରାଇ ଯୋଗ ଦେଇଥିଲେ।

ବୈଠକରେ ଅନ୍ୟ ପ୍ରସଙ୍ଗ ଯଥା ସ୍ୱାସ୍ଥ୍ୟ ସେବାର ବିଭିନ୍ନ ଦିଗ ଉପରେ ଆଲୋଚନା ହୋଇଥିଲା। ସ୍ୱାସ୍ଥ୍ୟ କେନ୍ଦ୍ରଗୁଡିକରେ ଡାକ୍ତରମାନଙ୍କ ଉପସ୍ଥିତି ବିଷୟରେ ତଦାରଖ କରିବା, ସାପ କାମୁଡ଼ା ଔଷଧ ମହଜୁଦ ରଖିବା ପାଇଁ ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀଙ୍କୁ ପରାମର୍ଶ ଦିଆଯାଇଥିଲା। ଜିଲାରେ ୨୪ ଘଣ୍ଟିଆ ନିୟନ୍ତ୍ରଣ କକ୍ଷ ଖୋଲା ରଖିବା, ଅତୀତରେ ହୋଇଥିବା ନଦୀ ଓ କେନାଲ ବନ୍ଧ ଘାଇ ମରାମତି କରିବା, ବିପଦ ଥିବା ସ୍ଥାନଗୁଡିକରେ ବାଲିବସ୍ତା ମହଜୁଦ ରଖିବା, ଡ୍ରେନେଜଗୁଡିକୁ ପରିଷ୍କାର ରଖିବା, ପାନୀୟ ଜଳ ଯୋଗାଣ, ନଳକୂପଗୁଡିକୁ ମରାମତି, ବିଭିନ୍ନ ସମ୍ବେଦନଶୀଳ ସ୍ଥାନରେ ଚାଉଳ, ଚୁଡ଼ା, ଗୁଡ଼ ଓ କିରୋସିନ ଆଦି ମହଜୁଦ ରଖିବା ଉପରେ ଗୁରୁତ୍ୱ ଦିଆଯାଇଥିଲା। ବେସରକାରୀ ବୋଟଗୁଡିକର ତାଲିକା ଓ ଫୋନ ନମ୍ବର ସହ ପାୱାର ବୋଟ ଓ ଦେଶୀ ଡଙ୍ଗାଗୁଡିକୁ କାର୍ଯ୍ୟକ୍ଷମ ରଖିବାକୁ ହେବ। ବନ୍ୟା ସମୟରେ ପ୍ରତ୍ୟେକ ନଦୀର ଜଳସ୍ତର ମାପିବା, ପାଣିପାଗ ବିଭାଗ ଦ୍ୱାରା ଜାରି ସୂଚନାକୁ ପ୍ରସାରଣ କରିବା ଜରୁରୀ। ବନ୍ୟାଞ୍ଚଳରେ ୱେରଲେସ୍ ଷ୍ଟେସନ୍ ସ୍ଥାପନ, କୃଷି ଓ ଉଦ୍ୟାନ କୃଷି, ସ୍ୱାସ୍ଥ୍ୟ, ପରିମଳ, ପ୍ରାଣୀ ସମ୍ପଦ, ପୂର୍ତ୍ତ, ଗ୍ରାମ୍ୟ ଉନ୍ନୟନ, ରାସ୍ତାଗୁଡିକର ମରାମତି, ବିଦ୍ୟୁତ ସରବରାହ, ଟେଲିଫୋନ ପୁନରୁଦ୍ଧାର, ଉଦ୍ଧାର ଓ ରିଲିଫ କାର୍ଯ୍ୟ ତ୍ୱରାନ୍ୱିତ କରିବା, ପଲିଥିନ ସିଟ୍ ମହଜୁଦ ରଖିବା ଉପରେ ଆଲୋଚନା ହୋଇଥିଲା।

ଅନ୍ୟମାନଙ୍କ ମଧ୍ୟରେ ବୈଠକରେ ଜିଲା ପରିଷଦ ସଭାପତି ମନୋଜ ଭୋଇ, ଏସ୍‌ପି ରାହୁଲ ପିଆର୍, ଅତିରିକ୍ତ ଜିଲାପାଳ ଅଭିମନ୍ୟୁ ବେହେରା, ଅତିରିକ୍ତ ଜିଲାପାଳ (ରାଜସ୍ୱ) ସମ୍ବିତ ରାଉତ, ପାରାଦୀପ ଅତିରିକ୍ତ ଜିଲାପାଳ ଲଳିତ ମୋହନ ବେହେରା, ଜିଲା ପରିଷଦ ଉପାଧ୍ୟକ୍ଷା ସୁଜାତା ମହାନ୍ତି, ଜଗତ୍‌ସିଂହପୁର ପୌରାଧ୍ୟକ୍ଷା ଅର୍ଚ୍ଚନା ସିଂଙ୍କ ସମେତ ଲୋକ ପ୍ରତିନିଧି ଓ ସରକାରୀ ଅଧିକାରୀମାନେ ଉପସ୍ଥିତ ଥିଲେ। ଶେଷରେ ଡିପିଓ ଧନ୍ୟବାଦ ଦେଇଥିଲେ।



ବୈଠକରେ ମନ୍ତ୍ରୀ ସମ୍ପଦ ସ୍ୱାଇଁ, ବିଧାୟକ ଅମରେନ୍ଦ୍ର ଦାସ, ଜିଲାପାଳ ଅନୁପମ ଶାହାଙ୍କ ସମେତ ଅନ୍ୟମାନେ।

## ଲୁଣାଜଙ୍ଗଲ ଅବକ୍ଷୟ ପ୍ରକୃତି ପାଇଁ ବିପଦ

ପାରାଦୀପ, ୨୩।୬ (ଶରତ ରାଉତ)

ପାରାଦୀପ ଅଠରବାଙ୍କି ବିଜୟନଗର ନିକଟସ୍ଥ କାଉଡିଆ ନଦୀ ଶଯ୍ୟାରେ ରବିବାର ହେନ୍ତାଳବଣ ପାଇଁ ଉପଯୋଗୀ ଚାରା ରୋପଣ କରାଯାଇଛି। ନୀଳଚକ୍ର ୟୁଥ କ୍ଲବ ପକ୍ଷରୁ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଏଥିରେ ଅତିଥିଭାବେ ପୌର ଉପାଧ୍ୟକ୍ଷା ଛବିଲତା ରାଉତ, ପରିବେଶବିତ୍ ଇଂ.ଅମରେଶ, ନରେଶ ସାମନ୍ତ, ପ୍ରଜାପିତା ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ଭଉଣୀ ସୁମନ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ହେନ୍ତାଳବଣ ବା ଲୁଣାଜଙ୍ଗଲ ପାଇଁ ଉପଯୋଗୀ ରାଇ, ସୁନ୍ଦରୀ, ଗୁଆଁ, ଗରଣୀ, ବନୀ, ସିନ୍ଧୁକା, ଗେରୁ, ହବାଳି ଆଦି ୨୬ ପ୍ରକାର ଚାରା ରୋପଣ କରାଯାଇଥିଲା। ହେନ୍ତାଳବଣ ହେଉଛି ପ୍ରକୃତିର ସୁରକ୍ଷା କବଚ। ଉକ୍ତ ଜଙ୍ଗଲ ନଷ୍ଟ କରିବା ଅର୍ଥ ପ୍ରକୃତି ପାଇଁ ବିପଦ ଆଣିବା ବୋଲି ପରିବେଶବିତ୍ ସାମନ୍ତ କହିଥିଲେ। କାର୍ଯ୍ୟକ୍ରମକୁ ଅନୁଷ୍ଠାନର ବରିଷ୍ଠ ସଦସ୍ୟ ଦେବ ମଣ୍ଡଳ, ବିଶ୍ୱଭୂଷଣ ରାଉତରାୟ ଓ ଅନ୍ୟମାନେ ପରିଚାଳନା କରିଥିଲେ।

# ଜନସାଧାରଣଙ୍କୁ ମୌଳିକ ସୁବିଧା ଯୋଗାଇଦେବା ପ୍ରଥମ କର୍ତ୍ତବ୍ୟ



ବିଧାୟକ ଅମରେନ୍ଦ୍ର ଦାସଙ୍କୁ ସମ୍ବର୍ଦ୍ଧନା ଦିଆଯାଉଛି।

## ନାଉଗାଁ ବ୍ଲକରେ ବିଧାୟକଙ୍କ ସଂକଳ୍ପ ଯାତ୍ରା

ନାଉଗାଁ, ୨୩।୬ (ସୁଧା ବେହୁରା)

ନାଉଗାଁ ବ୍ଲକ ଅନ୍ତର୍ଗତ ଅଲଣାହାଟସ୍ଥିତ ନୂଆପାଟଣା ଛକରୁ ରବିବାର ଭାଜପା ବିଧାୟକ ଅମରେନ୍ଦ୍ର ଦାସ ଦଳୀୟ କର୍ମୀଙ୍କ ସହ ସଂକଳ୍ପ ଶୋଭାଯାତ୍ରା କରି ଗାରୋଇ ପର୍ଯ୍ୟନ୍ତ ଯାଇଥିଲେ। ବ୍ଲକ ଛକ, ଗଙ୍ଗଦାହାଟ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକ ଓ ନାଉଗାଁ ବଜାରରେ ଥିବା ପୂର୍ବତନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀ ଓ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ପ୍ରତିମୂର୍ତ୍ତିରେ ସେ ମାଲ୍ୟାର୍ପଣ କରିଥିଲେ। ବିଧାୟକ ଦାସଙ୍କୁ ଏହି ଶୋଭାଯାତ୍ରା ସମୟରେ ବିଭିନ୍ନ ସ୍ଥାନରେ ସମ୍ବର୍ଦ୍ଧନା ଦିଆଯାଇଥିଲା। ଏହି ଅବସରରେ ଦାସ କହିଛନ୍ତି, ଏ ସରକାର ହେଉଛି ଗରିବ, ଖଟିଖିଆ ଜନସାଧାରଣଙ୍କ ସରକାର। ନିର୍ବାଚନ ସମୟରେ ଯେଉଁସବୁ କାର୍ଯ୍ୟ କରାଯିବ ବୋଲି ଇସ୍ତାହାରରେ ପ୍ରକାଶ ପାଇଥିଲା ସେସବୁ କାର୍ଯ୍ୟ ପୂରଣ କରିବା ଏହି ସରକାରର ମୂଳ ଲକ୍ଷ୍ୟ। ଜନସାଧାରଣଙ୍କୁ ମୌଳିକ ସୁବିଧା ଯୋଗାଇଦେବା ହେଉଛି ମୋର ପ୍ରଥମ କର୍ତ୍ତବ୍ୟ। ଚାଷଜମିକୁ ଜଳସେଚନ ବ୍ୟବସ୍ଥା, ଶୀତଳଭଣ୍ଡାର, ଭତ୍ତା, ମହିଳାମାନେ କିପରି ଆତ୍ମନିର୍ଭରଶୀଳ ହୋଇପାରିବେ ସେ ଦିଗରେ ଆମ ସରକାର କାର୍ଯ୍ୟ କରିବ ବୋଲି ସେ ମତବ୍ୟକ୍ତ କରିଥିଲେ। ପରେ ବିଧାୟକ ଦାସ ଓଷକଣା ଦେବୀନଦୀ ବନ୍ଧ ନିକଟରେ ଥିବା ଘେରିବନ୍ଧର ଅତଡ଼ା ଧସିବା ସ୍ଥାନ ପରିଦର୍ଶନ କରିଥିଲେ। ବେଆଇନ ଭାବେ ସରକାରୀ ଜମିରୁ ମାଟି ଉତ୍ତୋଳନକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସେ କହିଥିଲେ। ଉକ୍ତ ସଂକଳ୍ପ ଯାତ୍ରାରେ ପ୍ରତାପ କୁମାର ମିଶ୍ର, ନିଲୁରାମ ଜେନା, ଗଣେଶ ମହାନ୍ତି, ପ୍ରଫୁଲ୍ଲ ସାହୁ, ଦୁର୍ଗାପ୍ରସାଦ ଆଚାର୍ଯ୍ୟ, ଅକ୍ଷୟ ପାତ୍ର, ତାପସ ଦାସ, ଓମ୍‌ପ୍ରକାଶ ନାୟକ, ଶ୍ରୀକାନ୍ତ ଚୌଧୁରୀ, ବିସ୍ମୟାନନ୍ଦ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## ଦୁଇ ବାଇକ୍ ମୁହାଁମୁହିଁ ଧକ୍କା: ଯୁବକ ମୃତ, ୨ ଗୁରୁତର

ପାରାଦୀପ, ୨୩।୬ (ଶରତ ରାଉତ)

ପାରାଦୀପ ମେରାଇନ ଥାନା ଅନ୍ତର୍ଗତ ନେହେରୁବଙ୍ଗଳା ରାସ୍ତାର ଟର୍ମିନାଲ ଛକରେ ରବିବାର ସନ୍ଧ୍ୟାରେ ଦୁର୍ଘଟଣା ଘଟିଛି। ୨ ବାଇକ ମୁହାଁମୁହିଁ ଧକ୍କା ହେବାରୁ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ଅନ୍ୟ ୨ଜଣ ଆହତ ହୋଇଛନ୍ତି। ମୃତକ ହେଲେ ପ୍ରୀତିପ୍ରକାଶ ନନ୍ଦ (୩୫)। ତାଙ୍କ ଘର ଲକଥାନା ଅନ୍ତର୍ଗତ ଗଙ୍ଗାଧରପୁର ଶାସନ ଗ୍ରାମରେ। ସେ ଏକ ବାଇକ୍‌ରେ ନେହେରୁବଙ୍ଗଳାରୁ ଅଠରବାଙ୍କି ଅଭିମୁଖେ ଆସୁଥିବା ବେଳେ ବିପରୀତ ଦିଗରେ ଆଉ ଗୋଟିଏ ବାଇକରେ ଦୁଇଜଣ ଯାଉଥିଲେ। ଦୁଇ ବାଇକ ମଧ୍ୟରେ ଧକ୍କା ହେବାରୁ ୩ ଜଣ ଛିଟିକି ରାସ୍ତାରେ ପଡିଥିଲେ। ସେମାନଙ୍କୁ ମେରାଇନ ପୋଲିସ ଉଦ୍ଧାର କରି ବିଜୁ ମେମୋରିଆଲ ହସପିଟାଲରେ ଭର୍ତ୍ତି କରିଥିଲା। ସେଠାରେ ପ୍ରୀତିପ୍ରକାଶଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଅନ୍ୟ ୨ଜଣଙ୍କ ଅବସ୍ଥା ଗୁରୁତର ଥିବାରୁ ସେମାନଙ୍କୁ କଟକ ସ୍ଥାନାନ୍ତର କରାଯାଇଛି। ପୋଲିସ ଦୁର୍ଘଟଣାଗ୍ରସ୍ତ ବାଇକ୍ ଦ୍ୱୟକୁ ଜବତ କରିବା ସହ ହସ୍ପିଟାଲରେ ମୃତଦେହ ସଂରକ୍ଷିତ ରହିଛି। ସୋମବାର ବ୍ୟବଚ୍ଛେଦ ହେବ ବୋଲି ପୋଲିସ କହିଛି।

# ଲୋକକଳା ବଞ୍ଚାଇ ରଖିବାକୁ ଆହ୍ୱାନ



ବୈଠକରେ ଉପସ୍ଥିତ ନିଖିଳ ଉତ୍କଳ ସାଂସ୍କୃତିକ ସମନ୍ୱୟ ସାମ୍ମୁଖ୍ୟର କର୍ମକର୍ତ୍ତାମାନେ।

## ନିଖିଳ ଉତ୍କଳ ସାଂସ୍କୃତିକ ସମନ୍ୱୟ ସାମ୍ମୁଖ୍ୟ କର୍ମକର୍ତ୍ତା ବୈଠକ

ରଘୁନାଥପୁର, ୨୩।୬ (ରାଜେନ୍ଦ୍ର ନାରାୟଣ ସିଂହ)

ରଘୁନାଥପୁର ବ୍ଲକ କେରେକେରାସ୍ଥିତ ବିଭୂତିକ୍ଷେତ୍ର ପ୍ରଭୁ ଗୋରେଖନାଥ ପୀଠରେ ଜଗତ୍‌ସିଂହପୁର ଜିଲା ନିଖିଳ ଉତ୍କଳ ସାଂସ୍କୃତିକ ସମନ୍ୱୟ ସାମ୍ମୁଖ୍ୟର ବୈଠକ ଅନୁଷ୍ଠିତ ହୋଇଯାଇଛି। ସାମ୍ମୁଖ୍ୟର ଜିଲା ସଭାପତି ପ୍ରସନ୍ନ କୁମାର ପଟ୍ଟନାୟକ ଏଥିରେ ପୌରୋହିତ୍ୟ କରିଥିଲେ। ରାଜ୍ୟ ସଭାପତି ମିହିର ପଟ୍ଟନାୟକ ଆୟୋଜିତ ବୈଠକରେ ସମ୍ମାନିତ ଅତିଥିଭାବେ ଯୋଗଦେଇ ପ୍ରାଚୀନ ଲୋକକଳା ଯଥା ପାଲା, ଦାସକାଠିଆ, ଧୁଡୁକି, କେନ୍ଦେରା, ଖଞ୍ଜଣି, ସଂକୀର୍ତ୍ତନ, ଘୋଡ଼ାନାଚ ସହ ଅନ୍ୟାନ୍ୟ କଳାକୁ ବଞ୍ଚାଇ ରଖିବା ପାଇଁ ଆହ୍ୱାନ ଦେଇଥିଲେ। ଏହାଛଡ଼ା ସରକାରଙ୍କ ଅଗୋଚରରେ ତୃଣମୂଳସ୍ତରରେ ଅବହେଳିତ ଅବସ୍ଥାରେ ରହିଥିବା କଳାକାରଙ୍କୁ ସମାଜର ମୁଖ୍ୟସ୍ରୋତରେ କିପରି ସାମିଲ କରାଯାଇପାରିବ ସେଥିପାଇଁ ତତ୍ପର ହେବାକୁ ପରାମର୍ଶ ଦେଇଥିଲେ। ଜୀବନସାରା କଳା ପ୍ରଦର୍ଶନକରି ଦର୍ଶକଙ୍କ ମନମୁଗ୍ଧ କରୁଥିବା କଳାକାର ବୟସର ଅପରାହ୍ନରେ କିପରି ସରକାରଙ୍କ ପ୍ରଦତ୍ତ ଭତ୍ତା ପାଇପାରିବେ ସେଥିପ୍ରତି ସାମ୍ମୁଖ୍ୟର କର୍ମକର୍ତ୍ତା ଦୃଷ୍ଟିଦେବାକୁ ରାଜ୍ୟ ସଭାପତି ପଟ୍ଟନାୟକ ପ୍ରକାଶ କରିଥିଲେ। ଏହି ଅବସରରେ ସାମ୍ମୁଖ୍ୟ ପକ୍ଷରୁ ଜିଲାର ନବନିର୍ବାଚିତ ଏମ୍‌ପି ଓ ବିଧାୟକମାନଙ୍କୁ ସମ୍ବର୍ଦ୍ଧିତ କରାଯିବା ପାଇଁ ପ୍ରସ୍ତାବ ଗୃହୀତ ହୋଇଥିଲା। ଏଥିରେ ଜିଲା ସଂଯୋଜକ ଅଭିମନ୍ୟୁ ନାୟକ, ବ୍ଲକ ସଂଯୋଜକ ତ୍ରିଲୋଚନ ଦ୍ୱିବେଦୀ, ଶିଶିର କୁମାର ପଣ୍ଡା, ଭାରତୀ ମିଶ୍ର, କୁମୁଦ କୁମାର ଜେନା, ହେମନ୍ତ ରାଉତ, ନିମାଇଁ ଚରଣ ବସ୍ତିଆ, ମାନସ କୁମାର ବେହେରା, ଅରୁଣ କୁମାର ଦାସ, ବିଦ୍ୟାଧର ନାୟକ, ବସନ୍ତ ନାୟକ ଓ ସୁବାସ ଚନ୍ଦ୍ର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ବଙ୍ଗୀୟ ଯୁବକଙ୍କ ମୃତଦେହ ଜବତ

ଭୋଗରାଇ, ୨୩।୬ (ପ୍ରଦୀପ ଦାସ)– ବାଲେଶ୍ୱର ଜିଲା ତାଳସାରି ସାମୁଦ୍ରିକ ଥାନା ଅନ୍ତର୍ଗତ ସାହାବାଜିପୁର ଗ୍ରାମର ରେଣୁକା ପ୍ରଧାନଙ୍କ ଘରେ ଭଡ଼ା ନେଇ ରହୁଥିବା ଜଣେ ବଙ୍ଗୀୟ ଯୁବକଙ୍କ ମୃତଦେହ ବନ୍ଦ କୋଠରୀରୁ ପୋଲିସ ଉଦ୍ଧାର କରିଛି।

ସୂଚନା ଅନୁଯାୟୀ ପଶ୍ଚିମବଙ୍ଗର ଦକ୍ଷିଣ ୨୪ ପ୍ରଗଣା ଜିଲାର ସିନ୍ଧ୍ରାଣୀ ଥାନା ଅନ୍ତର୍ଗତ କୁଠିବାଡ଼ି ଗ୍ରାମର ମନୋଜିତ ହାଲଦାର (୩୫) ଓ ପୂର୍ବ ମେଦିନୀପୁର ଜିଲା ଲଛୁବର ଗ୍ରାମର ଶିବପ୍ରସାଦ ଦାସ (୩୦) ସାହାବାଜିପୁର ଗ୍ରାମର ରେଣୁକା ପ୍ରଧାନଙ୍କ ଘର ଭଡ଼ା ନେଇ ରହୁଥିଲେ। ଶନିବାର ମନୋଜିତଙ୍କ ସହଯୋଗୀ ଶିବପ୍ରସାଦ କେଉଁଆଡ଼େ ଚାଲି ଯାଇଥିବା ବେଳେ ରବିବାର ସକାଳେ ଘର ମାଲିକାଣି ମନୋଜିତଙ୍କ ଝୁଲନ୍ତା ମୃତଦେହ ଦେଖି ନ୍‌ତାଳସାରି ସାମୁଦ୍ରିକ ଥାନା ପୋଲିସକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ବନ୍ଦ କୋଠରୀ ଭିତରୁ ମାଜିଷ୍ଟ୍ରେଟ ଦାୟିତ୍ୱରେ ଥିବା ଭୋଗରାଇ ଅତିରିକ୍ତ ତହସିଲଦାର ଚୈତନ୍ୟ ପ୍ରସାଦ ମୁର୍ମୁଙ୍କ ଉପସ୍ଥିତିରେ ଘରର କବାଟ ଖୋଲି ମୃତଦେହ ଜବତ କରିବା ସହିତ ଏକ ଅପମୃତ୍ୟୁ ମାମଲା (ନଂ.୩/୨୪) ରୁଜୁ କରି ବ୍ୟବଚ୍ଛେଦ ପାଇଁ ପଠାଇଛନ୍ତି।

न्यायालय श्रीमान समक्ष
अतिरिक्त कुटुम्ब न्यायालय, प्रथम
जमशेदपुर, पूर्वी सिंहभूम
मूल वाद नं0-245/2022
सागर सामल ... ... ... ...आवेदक
बनाम
संध्या रानी सामल ... ... ... ...विपक्षी
न्यायालय सूचना
श्रीमति संध्या रानी सामल
पिता - श्री बाबला सामल
पता - गांव - नुआगढ, थाना - रघुनाथपुर,
पो0-रेडुआ, जिला - जगत सिंहपुर,
राज्य - ओडिशा, पिन - ७५४१०४
एतद् द्वारा आपको सुचित किया जाता हे कि आवेदक श्री सागर सामल, पिता - हरि सामल, पता - मकदमपुर (पंजाबी लाईन) सोसाईटी कॉलोनी, थाना - परसुडीह, जिला - पूर्वी सिंहभूम, जमशेदपुर, झारखण्ड द्वारा आपके विरुद्ध हिन्दु विवाह अधिनियम 1955 की धारा 9 के अर्न्तगत उपरोक्त न्यायालय में वैवाहिक अधिकारों की बहाली से संबधित केस दायर किया है।
आपको यह सूचित किया जाता है कि आप स्वयं या अधिवक्ता के माध्यम से दिनांक 10.07.24 समय 10.30 A.M को न्यायालय में उपस्थित होकर अपना पक्ष रखें। अन्यथा आपके अनुपस्थिति में केस की एकतरफा सुनवाई की जायेगा। आज दिनांक 31.05.2024 को परित किया जायेगा
Sd./- अतिरिक्त कुटुम्ब न्यायालय, प्रथम
पूर्वी सिंहभूम, जमशेदपुर

# ଗୋରେଖନାଥ ପୀଠ ପରିସରରେ ରିଲ୍ସ ପ୍ରସ୍ତୁତିକୁ ବିରୋଧ

ରଘୁନାଥପୁର, ୨୩।୬ (ରାଜେନ୍ଦ୍ର ନାରାୟଣ ସିଂହ)

ଜଗତ୍‌ସିଂହପୁର ଜିଲା ରଘୁନାଥପୁର ବ୍ଲକ କେରେକେରାସ୍ଥିତ ପ୍ରସିଦ୍ଧ ବିଭୂତି କ୍ଷେତ୍ର ପ୍ରଭୁ ଗୋରେଖନାଥ ପୀଠ ପରିସରରେ କେତେଜଣ ଯୁବତୀ ଓ ଯୁବକଙ୍କ ପକ୍ଷରୁ ପ୍ରସ୍ତୁତ ଏକ ଆଧୁନିକ ଗୀତର ରିଲ୍ସ ଭାଇରାଲ ହେବାରେ ଲାଗିଛି। ଏନେଇ ପୂଜକ ସମୁଦାୟଙ୍କ ପକ୍ଷରୁ କ୍ଷୋଭ ପ୍ରକାଶ ପାଇଛି। ଏ ସମ୍ପର୍କରେ ପୂଜକଙ୍କ ପକ୍ଷରୁ ଏକ ଅଭିଯୋଗପତ୍ର ପୀଠ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ପ୍ରଦାନ କରାଯାଇଛି। ବାହାରୁ ଆସି ପୀଠ ପରିସରରେ ଭକ୍ତଙ୍କୁ ଚନ୍ଦନ,ସିନ୍ଦୂର ଲଗାଇ ଅର୍ଥ ଆଦାୟ କରୁଥିବା ଜଣେ ବ୍ରାହ୍ମଣ ଯୁବକଙ୍କ ଏହି ରିଲ୍ସ ବନାଇବାରେ ସମ୍ପୂର୍ଣ୍ଣ ସହଯୋଗ ରହିଛି ବୋଲି ଅଭିଯୋଗରେ ଦର୍ଶାଯାଇଛି। ଏନେଇ ତାଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ନେବାକୁ ପୂଜକମାନଙ୍କ ପକ୍ଷରୁ ଦାବି ହୋଇଛି। କିମ୍ବଦନ୍ତୀ ଅନୁଯାୟୀ, ହଜାର ବର୍ଷ ତଳୁ ନାଥ ସମ୍ପ୍ରଦାୟର ମହାନ ଯୋଗୀ ତପସ୍ୱୀ ଭାବେ ପ୍ରଭୁ ଗୋରେଖନାଥ ଏଠାରେ ପୂଜା ପାଇ ଆସୁଛନ୍ତି। ସର୍ପ ଦଂଶନରେ ପୀଡ଼ିତ ବ୍ୟକ୍ତି ଏଠାକୁ ଆସି ପ୍ରଭୁଙ୍କ ବିଭୂତି ପାଇ ଆରୋଗ୍ୟ ଲାଭ କରିଥିବା ଅନେକ ନଜିର ରହିଛି। ସେହିପରି ଗୋରୁଙ୍କ କ୍ଷେତ୍ରରେ ମଧ୍ୟ ଲୋକେ ବିଭୂତିର ଉପଚାର କରିଥାନ୍ତି। ପୀଠ ପରିସରରେ ଆଧୁନିକ ଗୀତର ରିଲ୍ସ କରି ଭକ୍ତଙ୍କ ଧର୍ମୀୟ ଭାବନାରେ ଆଘାତ କରାଯାଇଛି ବୋଲି ମୁଖ୍ୟ ପୂଜକ ଦିଲୀପ ପଣ୍ଡା ପ୍ରକାଶ କରିଛନ୍ତି। ଏନେଇ ପୀଠ ପରିସରରେ ପ୍ରଭୁଙ୍କ ଫଟୋ ଉତ୍ତୋଳନ ତଥା ଭିଡିଓ ସମ୍ପୂର୍ଣ୍ଣ ନିଷେଧ କରିବା ପାଇଁ ଜିଲାପାଳ, ଅତିରିକ୍ତ ଦେବତର ଆୟୁକ୍ତ, ଦେବୋତ୍ତର ଆୟୁକ୍ତ ଓ ଆଇନମନ୍ତ୍ରୀଙ୍କ ନିକଟରେ ଜ୍ଞାନରଞ୍ଜନ ପଣ୍ଡା, ଶୁଭ୍ର ସୌରଭ ପଣ୍ଡା,କୈଳାସ ଚନ୍ଦ୍ର ଦାସ, ଆଲୋକରଞ୍ଜନ ପଣ୍ଡା ଓ ରଶ୍ମିରଞ୍ଜନ ପଣ୍ଡା ପ୍ରମୁଖ ଦାବି କରିଛନ୍ତି।

# ଗାଁ ଉତ୍ସବ ଭାଇଚାରାର ବଳିଷ୍ଠ ନିଦର୍ଶନ



## 'ପ୍ରେମ ଥିଲେ ପାପ ଅଛି' ନାଟକ ମଞ୍ଚସ୍ଥ

କୁଜଙ୍ଗ, ୨୩।୬ (ମନୋଜ ପ୍ରଧାନ)

ଏରସମା ବ୍ଲକ ଅନ୍ତର୍ଗତ ଡିଙ୍କିଆ ପଞ୍ଚାୟତ ମାହାଳ ଗ୍ରାମର ତୃତୀୟ ବାର୍ଷିକ ଗାଁ ଉତ୍ସବ ରଙ୍ଗାରଙ୍ଗ ପରିବେଶରେ ପାଳିତ ହୋଇଯାଇଛି। ଏହି ଅବସରରେ ଅନୁଷ୍ଠିତ ହେଉଥିବା ମୁକ୍ତ ମଞ୍ଚ ନାଟକ ପ୍ରତିଯୋଗିତାର ଦ୍ୱିତୀୟ ଦିବସରେ 'ପ୍ରେମ ଥିଲେ ପାପ ଅଛି', ନାଟକ ମଞ୍ଚସ୍ଥ ହୋଇଥିଲା। ଇଂ.ଆଶୁତୋଷ ମହାପାତ୍ରଙ୍କ ରଚିତ, ଟିଭି କଳାକାର ବିକ୍ରମ ମହାପାତ୍ରଙ୍କ ନିର୍ଦ୍ଦେଶିତ ଓ ଅଶୋକ ମହାନ୍ତିଙ୍କ ପ୍ରାୟୋଜିତ ଏହି ନାଟକରେ ଦର୍ଶକ ଝୁମିଥିଲେ। ପ୍ରାରମ୍ଭରେ ନାଟ୍ୟ ନିର୍ଦ୍ଦେଶକ ରଞ୍ଜନ ବର୍ଦ୍ଧନଙ୍କ ଅଧ୍ୟକ୍ଷତାରେ ସାଂସ୍କୃତିକ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ଭାଜପା ନେତା ଶଶିକାନ୍ତ ପରିଡ଼ା ଯୋଗଦେଇ ଗାଁ ଉତ୍ସବ ଭାଇଚାରାର ବଳିଷ୍ଠ ନିଦର୍ଶନ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ଅମରେନ୍ଦ୍ର ଦାଶ ଯୋଗଦେଇଥିବାବେଳେ ମୁଖ୍ୟ ବକ୍ତାଭାବେ ସାମାଜିକ କର୍ମୀ ଅମିୟ ରାଉତ ଯୋଗଦେଇ ପରସ୍ପର ମଧ୍ୟରେ ଭାଇଚାରା ସୁଦୃଢ଼ ହେଲେ ସାମୂହିକ ପ୍ରଗତି ନିଶ୍ଚିତ ବୋଲି କହିଥିଲେ। ମାହାଳ ଗ୍ରାମ୍ୟ କମିଟି ପକ୍ଷରୁ ମାନସ ଦଳାଇ, ବସନ୍ତ ଜେନା, ରଞ୍ଜନ ସାମଲ, ପ୍ରଶାନ୍ତ ରାଉତ, ଜଗବନ୍ଧୁ ମହାନ୍ତି, ପ୍ରେମାନନ୍ଦ ପରିଡ଼ା, ରଞ୍ଜନ ବାରିକ, ତରୁଣ ପରିଡ଼ା , ସୁଶିଲ ନାୟକ ପ୍ରମୁଖ ଏହାକୁ ପରିଚାଳନା କରିଥିଲେ। ଉକ୍ତ ନାଟକରେ ବିକ୍ରମ ମହାପାତ୍ର, ଅରୁଣ ବେହେରା, ସମ୍ବିତ, ତନୁ, ବର୍ଷା, କାଦମ୍ବିନୀ, ମାମା, ରଞ୍ଜି ପ୍ରମୁଖ କଳାକାର ଅଭିନୟ କରିଥିଲେ।

# ସରୁନି ରାସ୍ତାକାର୍ଯ୍ୟ, ବଢୁଛି ଅସନ୍ତୋଷ ; ଛାଡ଼ିଲେନି ଭାରିଯାନ

## ନାଉଗାଁ-ଡାବର ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନା

- ରାସ୍ତା ଅବସ୍ଥା ଶୋଚନୀୟ
- ୧୬ ନଭେମ୍ବର ୨୦୨୩ରୁ ଅବଧି ସରିଛି
- ରାସ୍ତାର ଉଭୟ ପାର୍ଶ୍ୱରୁ ମାଟି ବୋହି କାଦୁଅରେ ପୂରିଯାଉଛି

ନାଉଗାଁ, ୨୩।୬ (ସୁଧା ବେହୁରା)

ନାଉଗାଁ ବ୍ଲକ ଅନ୍ତର୍ଗତ ନାଉଗାଁ-ଡାବର ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନା ରାସ୍ତାଟି ଗ୍ରାମ୍ୟ ଉନ୍ନୟନ ବିଭାଗ ଜଗତ୍‌ସିଂହପୁର ଅଧୀନରେ ରହିଛି। ବିଭାଗ ପକ୍ଷରୁ ଏହି ରାସ୍ତାର ପୁନଃ ସମ୍ପ୍ରସାରଣ ଓ ନିର୍ମାଣ କାର୍ଯ୍ୟ ଜାରି ରହିଛି। ସୂଚନା ଫଳକର ତଥ୍ୟ ଅନୁସାରେ, ରାସ୍ତା ନିର୍ମାଣର ଅବଧି ସରିଯାଇଛି। ମାତ୍ର ଏପର୍ଯ୍ୟନ୍ତ ରାସ୍ତାକାମ ସରିନାହିଁ। ଏନେଇ ଜନଅସନ୍ତୋଷ ବଢ଼ିବାରେ ଲାଗିଛି। ରବିବାର ସକାଳେ ଏହି ରାସ୍ତା ଦେଇ ଭାରିଯାନ ଯିବା ସମୟରେ ଗୋଠଦା ନିକଟରେ ସ୍ଥାନୀୟ ଲୋକେ ଗାଡ଼ିକୁ ଛାଡ଼ି ନ ଥିଲେ। ତୁରନ୍ତ ରାସ୍ତା କାର୍ଯ୍ୟ ନ ହେଲେ ଏହି ରାସ୍ତା ଦେଇ ଗାଡ଼ି ଚଳାଚଳ କରିପାରିବନାହିଁ ବୋଲି ସେମାନେ ଚେତାବନୀ ଦେଇଛନ୍ତି। ଏଥିସହ ଜଗତ୍‌ସିଂହପୁର ବିଧାୟକ ଅମରେନ୍ଦ୍ର ଦାସଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ନିଯୁକ୍ତ ଠିକାସଂସ୍ଥାର ସୁପରଭାଇଜର ତୁରନ୍ତ ରାସ୍ତାକାର୍ଯ୍ୟ କରିବାର ପ୍ରତିଶ୍ରୁତି ଦେବା ପରେ ସ୍ଥାନୀୟ ଲୋକେ ଗାଡ଼ି ଛାଡ଼ିଥିଲେ।

ସେମାନଙ୍କ ଅଭିଯୋଗ ଅନୁଯାୟୀ, ରାସ୍ତା କାର୍ଯ୍ୟ ୧୯ ଡିସେମ୍ବର ୨୦୨୨ରୁ ଆରମ୍ଭ ହୋଇଥିବାବେଳେ ଶେଷ ତାରିଖ ୧୬ ନଭେମ୍ବର ୨୦୨୩ ରହିଛି। ଉକ୍ତ ରାସ୍ତାର ତିରୁଣା ଦହିପାଳ ନିକଟରେ ଦୁଇପାର୍ଶ୍ୱ ଦୀର୍ଘ ୧ ମାସରୁ ଊର୍ଦ୍ଧ୍ୱ ହେବ ଖୋଳାଯାଇଥିବା ବେଳେ ଗୋଠଦା ମହାଦେବ ମନ୍ଦିର ନିକଟରେ ରାସ୍ତା ଅବସ୍ଥା ଶୋଚନୀୟ ହୋଇଯାଇଛି। ଏ ସମ୍ପର୍କରେ ସ୍ଥାନୀୟ ଲୋକଙ୍କ କହିବାନୁଯାୟୀ, ନିଯୁକ୍ତ ଠିକାଦାର ରାସ୍ତାର ଉଭୟ ପାର୍ଶ୍ୱରେ ମାଟି ଗଦାକରି ରଖିଥିବାରୁ ବର୍ଷା ହେଲେ ଉକ୍ତ ମାଟି ରାସ୍ତା ଉପରକୁ ବୋହିଯାଉଛି। ଫଳରେ ରାସ୍ତାସାରା କାଦୁଅରେ ଭରିଯାଉଛି। ଏହି ବାଟଦେଇ ଯାନବାହନ ତ ଦୂରର କଥା, ପାଦ ଚଲା ଲୋକମାନେ ମଧ୍ୟ ଯାତାୟାତ ବେଳେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏ ସମ୍ପର୍କରେ ବିଭାଗୀୟ ଯନ୍ତ୍ରୀ ରମାକାନ୍ତ ମିଶ୍ରଙ୍କ ସହ ଯୋଗାଯୋଗ କରାଯାଇଥିଲ ମଧ୍ୟ ସେ ମୋବାଇଲ ଫୋନ୍ ନ ଉଠାଇବାରୁ ତାଙ୍କ ପ୍ରତିକ୍ରିୟା ମିଳିପାରିନାହିଁ।




ପୂର୍ବ ତଟ ରେଳପଥ

ଟେଣ୍ଡର ସଂ. MCSW-Scrap-Dis-24-25-14

| | |
|---|---|
| କାର୍ଯ୍ୟର ନାମ : | ରେଳ ଡବା ମରାମତି କାରଖାନା, ମଞ୍ଚେଶ୍ୱରଠାରେ ପଲିକ୍ରାକ୍ (Polycrack) ୟୁନିଟ୍ ପଛରେ ଥିବା ଅଂଚଳରେ ଶୂନ୍ୟ ମୂଲ୍ୟ / କମ୍ ମୂଲ୍ୟ ସ୍କ୍ରାପ୍‌କୁ ଅଲଗା କରିବା ତଥା ଏକ ଅନୁମୋଦିତ ପ୍ରାଧିକୃତ ଏଜେନ୍ସି ଦ୍ୱାରା ସ୍ଥାନୀୟ ସଂସ୍ଥାର ସ୍ୱୀକୃତ ଅଳିଆଗଦାସ୍ଥିତ ରେଳବାଇ ପରିସରରେ ସେଗୁଡ଼ିକର ଅପସାରଣ। |
| ବିଜ୍ଞାପିତ ମୂଲ୍ୟ (₹) : | 36,91,477.90, EMD (₹) : 73,800.00, ଶେଷ ହେବା ଅବଧି : 06 ମାସ। |
| ବିଡ୍ ଆରମ୍ଭ ହେବା ତାରିଖ : | ତା.25.06.2024 ରିଖ, |
| ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : | ତା.09.07.2015 ରିଖ 1500 ଘଟିକାରେ। |

ଏହି ଟେଣ୍ଡର ସନ୍ଦର୍ଭରେ ମାନୁଆଲ ଅଫରଗୁଡ଼ିକୁ ଅନୁମତି ଦିଆଯିବ ନାହିଁ ଏବଂ ସେହିଭଳି ପ୍ରାପ୍ତ ଯେକୌଣସି ମାନୁଆଲ ପ୍ରସ୍ତାବକୁ ଗ୍ରହଣ କରାଯିବ ନାହିଁ।

ଇ-ଟେଣ୍ଡର ନଥିପତ୍ର ସହିତ ସଂପୂର୍ଣ୍ଣ ବିସ୍ତୃତ ବିବରଣୀ ଏବଂ ଶୁଦ୍ଧିପତ୍ର www.ireps.gov.in ରେ ଉପଲବ୍ଧ ଅଟେ।

ଡେପୁଟି ଚିଫ୍ ମେକାନିକାଲ ଇଂଜିନିୟର(Prod), ରେଳ ଡବା ମରାମତି କାରଖାନା/ ମଞ୍ଚେଶ୍ୱର

PR-237/P/24-25

## ସଂକ୍ଷେପରେ

### ଜୀବନ ନେଉଛି ୫୩ନଂ. ଜାତୀୟ ରାଜପଥ

## ଟ୍ରେଲର ଧକ୍କାରେ ଟ୍ରକ୍ ଚାଳକଙ୍କ ମୃତ୍ୟୁ

**ଜେନାପୁର,୨୩।୬(ଅଶୋକ ଦାସ):** ୫୩ ନଂ. ଜାତୀୟ ରାଜପଥ ସମ୍ପ୍ରସାରଣ କାର୍ଯ୍ୟ ସରିବାର ନାଁ ଧରୁନାହିଁ। ଫଳରେ ଠିକା ସଂସ୍ଥାର ମନମୁଖୀ କାର୍ଯ୍ୟ ପାଇଁ ଅସୁରକ୍ଷିତ ହୋଇ ପଡ଼ିଛି ଏହି ରାସ୍ତା। ଅନେକ ସ୍ଥାନରେ ସଂଯୋଗୀକରଣ ରାସ୍ତା ଖୋଲା ଯାଇଥିବାରୁ ବହୁ ସମୟରେ ଦୁର୍ଘଟଣା ଘଟି ବହୁ ଧନ ଜୀବନ ହାନିହେଉଛି। ଶନିବାର ରାତିରେ ଲୁହା ଗୁଣ୍ଡ ବୋଝେଇ ଏକ ଟ୍ରେଲର ଧକ୍କାରେ ଜଣେ ଗାଡ଼ି ଟ୍ରକ୍ ଚାଳକଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ଜେନାପୁର ଥାନା ଅନ୍ତର୍ଗତ ଶ୍ୟାମସୁନ୍ଦରପୁର ଗ୍ରାମର ଅରୁଣ ପାଳଙ୍କ ପୁଅ ଅର୍ଜୁନ ପାଳ (୨୬)। ସେ ଦୈତାରିରୁ ଟ୍ରକ୍‌ରେ ଲୁହା ଗୁଣ୍ଡ ବୋଝେଇ କରି ଆସି ଘରେଥିଲେ। ରାତିରେ ରାସ୍ତା ଫାଙ୍କା ଥିବ ଭାବି ଘରୁ ଗାଡ଼ି ନେଇ ଆସିଥିଲେ। ଏହାର କିଛି ସମୟ ପରେ ମହିଶରା କୁଆଁରିଆ ନାଳ ପାଖ ରାସ୍ତା ନିକଟରେ ଏକ ଟ୍ରେଲର ତାଙ୍କ ଟ୍ରକ୍‌କୁ ଧକ୍କା ଦେଇଥିଲା। ଫଳରେ ଘଟଣସ୍ଥଳରେ ଅର୍ଜୁନଙ୍କ ମୃତ୍ୟୁ ହୋଇଥିଲା। ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ କରାଇବା ପରେ ତାଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

## ଦୁର୍ଘଟଣାରେ ଡ୍ରାଇଭର ମୃତ

**ସିମୁଳିଆ,୨୩।୬(ସନ୍ତୋଷ ନାୟକ)**

୧୬ ନଂ. ଜାତୀୟ ରାଜପଥର ସିମୁଳିଆ କଲେଜ ଡାଇଭରସନ ନିକଟରେ ରବିବାର ସକାଳେ ବାଲେଶ୍ୱର ଅଭିମୁଖେ ଯାଉଥିବା ଏକ କଣ୍ଟେନର (ନଂ.ଓଡ଼ି୩୩ଏସ୍-୬୪୮୧) ଭାରସାମ୍ୟ ହରାଇ ରାସ୍ତା ପାର୍ଶ୍ୱରେ ଛିଡ଼ା ହୋଇଥିବା ଏକ ଟ୍ରକ୍‌ର ପଛ ପଟେ ପିଟି ହୋଇଯାଇଥିଲା। ଫଳରେ ଘଟଣାସ୍ଥଳରେ କଣ୍ଟେନରର ଚାଳକ ନୟାଗଡ଼ ଜିଲା କନ୍ଧନୟାଗଡ଼ ଅଞ୍ଚଳର ଦୀପକ ବେହେରା (୨୬)ଙ୍କର ମୃତ୍ୟୁ ଘଟିଥିଲା। ଦମକଳବାହିନୀ ଗ୍ୟାସ କଟର ସାହାଯ୍ୟରେ କାଟି ଚାଳକଙ୍କୁ ଉଦ୍ଧାର କରିଥିଲା। ପୋଲିସ କଣ୍ଟେନରଟିକୁ ଜବତ କରିବା ସହ ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇଛି।

## କୁକୁର କାମୁଡ଼ାରେ ୩ ଗୁରୁତର

**ପାଟଣା,୨୩।୬(ବୀର କିଶୋର ଦାଶ)**

କେନ୍ଦୁଝର ଜିଲା ପାଟଣା ବ୍ଲକ୍ ତୁରୁମୁଙ୍ଗା ଅଞ୍ଚଳରେ ପାଗଳ କୁକୁର ଆତଙ୍କ ଦେଖାଦେଇଛି। ରବିବାର ଏକ ପାଗଳ କୁକୁର ୩ ଜଣଙ୍କୁ ଗୋଡ଼ାଇ କାମୁଡିଥିଲା। କୁକୁର କାମୁଡ଼ାରେ ନୂଆସାହିର ମାଆ-ପୁଅଙ୍କ ସହ ଡିମିରି ଗୋଡ଼ାର ଜଣେ ଶିଶୁ ଗୁରୁତର ହୋଇଛନ୍ତି। ଡିମିରି ଗୋଡ଼ାରେ ଶିଶୁର ଏକ ଆଙ୍ଗୁଳିକୁ କୁକୁର କାମୁଡି ଛିଡାଇ ଦେଇଛି। ସମସ୍ତ ଗୁରୁତର କେନ୍ଦୁଝର ଜିଲା ମୁଖ୍ୟ ଚିକିତ୍ସାଳୟ ସ୍ଥାନାନ୍ତର ହୋଇଛନ୍ତି। ଅନ୍ୟପକ୍ଷେ ପାଗଳ କୁକୁରକୁ ଲୋକେ ଠେଙ୍ଗାରେ ପିଟିପିଟି ମାରି ଦେଇଛନ୍ତି।

# ବ୍ୟାସନଗର ବାସିନ୍ଦାଙ୍କୁ ଡେଙ୍ଗୁ ଭୟ

**ଯାଜପୁର,୨୩।୬(ହର୍ଷବର୍ଦ୍ଧନ ବେହେରା)**

ବ୍ୟାସନଗର ପୌରପାଳିକାର ସମସ୍ତ ୨୬ ୱାର୍ଡର ବାସିନ୍ଦା ବର୍ଜ୍ୟବସ୍ତୁ ପରିଚାଳନା ଓ ପରିବେଶଗତ ସମସ୍ୟାରେ ନୟାନ୍ତ ହୋଇଗଲେଣି। ସମସ୍ୟା ସମାଧାନ ପାଇଁ ଲୋକଙ୍କ ପକ୍ଷରୁ ହେଉଥିବା ଦାବି, ନିବେଦନ ସମ୍ପର୍କରେ ପୌର କର୍ତ୍ତୃପକ୍ଷ କର୍ଣ୍ଣପାତ କରୁ ନ ଥିବା ଏବଂ କାଉନ୍‌ସିଲରମାନେ ମଧ୍ୟ ଏହାକୁ ଗୁରୁତ୍ୱ ଦେଉ ନ ଥିବା ଅଭିଯୋଗ ହେଉଛି। ଏବେ ସହରର ପ୍ରାୟ ସବୁଆଡେ ଗଦା ଗଦା ଆବର୍ଜନା। ଏଡିଶ ମଶା ପାଇଁ ଏହି ବିପର୍ଯ୍ୟସ୍ତ ପରିମଳ ପ୍ରକୃଷ୍ଟ ସ୍ଥାନ ହୋଇଥିବାରୁ ବ୍ୟାସନଗର ବାସିନ୍ଦାଙ୍କୁ ଡେଙ୍ଗୁ ଭୟ ଘାରିଛି। ଅନ୍ୟପକ୍ଷେ ୱାଟ୍‌କୋ ପକ୍ଷରୁ ବେଳେ ବେଳେ ମଇଳା ପାଣି ଯୋଗାଣ ହେଉଥିବାରୁ ସହରରେ ଡାଇରିଆ ବ୍ୟାପିବା ନେଇ ଲୋକେ ଆଶଙ୍କା କରୁଛନ୍ତି।

ବ୍ୟାସନଗରର କଠିନ ବର୍ଜ୍ୟବସ୍ତୁ ପରିବେଶ ଉପରେ ଭାରି ହେଉଛି। ଏହାର ପରିଚାଳନା ଠିକ ହେଉ ନ ଥିବାରୁ ସହରବାସୀଙ୍କ ପାଇଁ ବିପଦର କାରଣ ହେଉଛି। ସହରରେ ନିୟମିତ ସଫେଇ କାର୍ଯ୍ୟ ହେଉ ନାହିଁ। ଅନେକସ୍ଥାନରେ ପାଣି ଜମି ରହୁଛି। ସନ୍ତସନ୍ତିଆ ଜାଗା, ଗୋଳିଆ ପାଣି, ପଚାଶଢା ଓ ଆବର୍ଜନା ସ୍ଥାନ ଯୋଗୁ ମଶା ପ୍ରାଦୁର୍ଭାବ ବୃଦ୍ଧି ପାଉଛି। ଦୂଷିତ ପାଣିରେ ଏଡିଶ ମଶା ବୃଦ୍ଧି ହୋଇଥାଏ, ଯାହାକି ଡେଙ୍ଗୁ ବ୍ୟାପିବାରେ ସହାୟକ ହେଉଛି। ଉପଯୁକ୍ତ ବର୍ଜ୍ୟବସ୍ତୁ ପରିଚାଳନା କରିବା ପୌରପାଳିକାର ପ୍ରମୁଖ କର୍ତ୍ତବ୍ୟ। ବିଭିନ୍ନ ୱାର୍ଡର ପରିମଳ କାର୍ଯ୍ୟ ପର୍ଯ୍ୟାୟକ୍ରମେ ଘରୋଇକରଣ କରାଯାଇଛି। ୨୦୨୩ରୁ ସବ୍ୟସାଚୀ ମହାକୁଡ ନାମକ ଏକ ସଂସ୍ଥାକୁ ଏହି ଦାୟିତ୍ୱ ଦିଆଯାଇଛି। ଏହି ସଂସ୍ଥାକୁ ମାସିକ ୩୦ରୁ ୩୫ ଲକ୍ଷ ଟଙ୍କା ପ୍ରଦାନ କରାଯାଉଥିଲେ ମଧ୍ୟ ଉପଯୁକ୍ତ ଭାବେ ସଫେଇ ହେଉ ନ ଥିବା ଅଭିଯୋଗ ହୋଇଆସୁଛି। ଏପରି କି ଆବଶ୍ୟକ ସଫେଇ କର୍ମଚାରୀଙ୍କୁ ନିୟୋଜିତ କରା ନ ଯାଇ ସିଂହଭାଗ ଅର୍ଥ ଚଳୁ କରାଯାଉଥିବା ଏବଂ ଏଥିରେ କେତେଜଣ ସରକାରୀ କର୍ମଚାରୀ, ନିର୍ବାଚିତ ଲୋକ ପ୍ରତିନିଧିଙ୍କ ପକେଟ ଗରମ ହୋଇଆସୁଥିବା ଅଭିଯୋଗ ହେଉଛି। ଏବେ ସରକାର ବଦଳିଛି। ଅଞ୍ଚଳର ଲୋକ ପ୍ରତିନିଧି ବଦଳିଛନ୍ତି। ଏହିକ୍ରମରେ ସହରର ଅସ୍ୱାସ୍ଥ୍ୟକର ପରିବେଶକୁ ସଜାଡ଼ିବାରେ ନବ ନିର୍ବାଚିତ ଲୋକ ପ୍ରତିନିଧି ତତ୍ପରତା ଦେଖାଇବାକୁ ଲୋକେ ଦାବି କରୁଛନ୍ତି। ଅନ୍ୟପକ୍ଷେ ଜନସ୍ୱାସ୍ଥ୍ୟ ବିଭାଗରୁ ସହରର ଜଳ ଯୋଗାଣ ବ୍ୟବସ୍ଥା ୱାଟ୍‌କୋ ହାତକୁ ଯାଇଛି। ହେଲେ ମାସକୁ ପ୍ରାୟ ୫ ଦିନ ମଇଳା ପାଣି ଯୋଗାଣ ହେଉଛି। ଏହାର ପ୍ରତିକାର ବ୍ୟବସ୍ଥା ଗ୍ରହଣ କରିବାରେ ୱାଟ୍‌କୋ କର୍ତ୍ତୃପକ୍ଷ ବିଫଳ ହେଉଥିବା ମତପ୍ରକାଶ ପାଇଛି।



ବ୍ୟାସନଗର ଚୋରଡ଼ା ବାଇପାସ୍ ପୂର୍ତ୍ତ ବିଭାଗ ଡ୍ରେନ୍‌ରେ ଅଳିଆ ଆବର୍ଜନାରେ ପୂର୍ଣ୍ଣ।

## ୨ ବାଇକ୍ ମୁହାଁମୁହିଁ ଧକ୍କା: ଜଣେ ମୃତ, ୧ ଗୁରୁତର

**ଯାଜପୁରରୋଡ୍,୨୩।୬ (ପବିତ୍ର ରଞ୍ଜନ ମହାନ୍ତି):**

ବ୍ୟାସନଗର ସହର ଅନ୍ତର୍ଗତ ଦଳା-ଶଙ୍ଖଚିଲା ରାସ୍ତାର ଠାକୁପାଟଣା ଛକ ନିକଟରେ ରବିବାର ୨ ବାଇକ୍ ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇଛି। ଏଥିରେ ଜଣଙ୍କର ମୃତ୍ୟୁ ହୋଇଥିବାବେଳେ ଅନ୍ୟଜଣେ ଗୁରୁତର ହୋଇଛନ୍ତି। ମୃତକ ହେଲେ ପାଣିକୋଇଲି ଥାନା ଅନ୍ତର୍ଗତ ଜହ୍ନା ପଞ୍ଚାୟତସ୍ଥିତ ତଲୁରି ଗ୍ରାମର ମନୋଜ କୁମାର ଶତପଥୀ(୪୪)। ଗୁରୁତର ବ୍ୟକ୍ତି ହେଲେ ବଡ଼ବିରୁଆଁ ଗ୍ରାମର ରାଜକିଶୋର ଦାସ(୬୦)। ମନୋଜଙ୍କ ଝିଅ ତଣ୍ଡରାସ୍ଥିତ ପ୍ରୟାସ କ୍ଲାସରେ ନିଟ୍ କୋଚିଂ ଲାଗି ପ୍ରବେଶିକା ପରୀକ୍ଷା ଦେଉଥିବାରୁ ସେ ତାଙ୍କୁ ଆଣିବା ଲାଗି ଯାଉଥିଲେ। ଏହି ସମୟରେ ରାଜକିଶୋର ବାଇକ୍ ଯୋଗେ ଯାଜପୁରରୋଡ ଆସୁଥିବାବେଳେ ଠାକୁରପାଟଣା ଛକ ବୁଲାଣିରେ ଉଭୟ ମୁହାଁମୁହିଁ ଧକ୍କା ହୋଇଥିଲେ। ଫଳରେ ଉଭୟେ ରାସ୍ତାରେ ଛିଟିକି ପଡ଼ି ଗୁରୁତର ହୋଇଥିଲେ। ସେମାନଙ୍କୁ ଯାଜପୁରରୋଡ୍ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ମନୋଜଙ୍କୁ ମୃତ ଘୋଷଣା କରିଥିଲେ। ରାଜକିଶୋରଙ୍କ ଅବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ କଟକ ବଡ଼ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ଘଟଣାସ୍ଥଳରେ ଶଙ୍ଖଚିଲା ଫାଣ୍ଡି ପୋଲିସ ପହଞ୍ଚି ବାଇକ ଦୁଇଟିକୁ ଜବତ କରି ତଦନ୍ତ ଆରମ୍ଭ କରିଛି।



ମନୋଜ କୁମାର ଶତପଥୀ

## ଶ୍ୟାମାପ୍ରସାଦ ମୁଖାର୍ଜୀଙ୍କ ବଳିଦାନ ଦିବସ



ଡ. ଶ୍ୟାମାପ୍ରସାଦ ମୁଖାର୍ଜୀଙ୍କ ଫଟୋଚିତ୍ରରେ ଅତିଥିମାନେ ପୁଷ୍ପମାଲ୍ୟାର୍ପଣ କରୁଛନ୍ତି।

**ବଡ଼ଚଣା,୨୩।୬ (ଦିଲୀପ କୁମାର ମହାନ୍ତି):** ବଡ଼ଚଣା ନିର୍ବାଚନମଣ୍ଡଳୀ ଅଧୀନ ଚଣ୍ଡିଖୋଲଛକସ୍ଥିତ ଭାଜପା କାର୍ଯ୍ୟାଳୟଠାରେ ଜନ ସଂଘ ପ୍ରତିଷ୍ଠାତା ଡ. ଶ୍ୟାମାପ୍ରସାଦ ମୁଖାର୍ଜୀଙ୍କ ବଳିଦାନ ଦିବସ ପାଳିତ ହୋଇଯାଇଛି। ଯାଜପୁର ଜିଲା ଭାଜପା ସମ୍ପାଦକ ପ୍ରମୋଦ କୁମାର ଜେନାଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବଡ଼ଚଣା ବିଧାୟକ ଅମର ନାୟକ ଯୋଗଦେଇ ଶ୍ୟାମାପ୍ରସାଦଙ୍କ ବିଚାରଧାରା ପାଇଁ ଅଖଣ୍ଡ ଭାରତ ସ୍ୱପ୍ନ ଆଜି ସାକାର ହୋଇଛି ବୋଲି ମତବ୍ୟକ୍ତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ଭାଜପା ସାଧାରଣ ସମ୍ପାଦିକା ଦେବଯାନୀ ପ୍ରଧାନ, ମଣ୍ଡଳ ସଭାପତି ବିକାଶ କୁମାର ମହାପାତ୍ର, ବରିଷ୍ଠ ନେତା ନାରାୟଣ ସାମଲ ଓ ଅଭୟ କୁମାର ତରାଇ ପ୍ରମୁଖ ଯୋଗଦେଇ ଶ୍ୟାମାପ୍ରସାଦଙ୍କ ଉପରେ ମତବ୍ୟକ୍ତ କରିଥିଲେ। କାର୍ଯ୍ୟକ୍ରମରେ ବହୁ ଭାଜପା ସମର୍ଥକ ଉପସ୍ଥିତ ଥିଲେ। ମଣ୍ଡଳ ସଭାପତି ସୀତାନାଥ ବଳସାମନ୍ତ ଧନ୍ୟବାଦ ଦେଇଥିଲେ।

# ଜନ୍ମମାଟିରେ ଏମ୍‌ପିଙ୍କୁ ନାଗରିକ ସମ୍ମାନ





ନାଗରିକ ସମ୍ମାନ ପ୍ରଦାନ ଉତ୍ସବରେ ସମ୍ମାନିତ ହୋଇଥିବା ଏମ୍‌ପି ଡ. ରବୀନ୍ଦ୍ର ନାରାୟଣ ବେହେରା ଏବଂ ଅନ୍ୟମାନେ।

**ରସୁଲପୁର,୨୩।୬(ରଞ୍ଜିତ ରାଉତ):**

ରସୁଲପୁର ବ୍ଲକ ଅନ୍ତର୍ଗତ ସାମନ୍ତରାପୁର ପଞ୍ଚାୟତର କୁଲୁଗାଁସ୍ଥିତ ଗୋପୀନାଥ ନୋଡାଲ ଉପ୍ରା ବିଦ୍ୟାଳୟ ପରିସରରେ ଯାଜପୁର ଏମ୍‌ପି ଡ. ରବୀନ୍ଦ୍ର ନାରାୟଣ ବେହେରାଙ୍କୁ ଶ୍ରେଷ୍ଠ ନାଗରିକ ସମ୍ମାନରେ ସମ୍ମାନିତ କରାଯାଇଛି। ଗ୍ରାମବାସୀଙ୍କ ତରଫରୁ ଆୟୋଜିତ ଏହି ସମ୍ମାନ ପ୍ରଦାନ ଉତ୍ସବରେ ଏମ୍‌ପି ବେହେରା ମୁଖ୍ୟଅତିଥି ଭାବେ ଯୋଗଦେବା ସହ ଗାଁ ଲୋକଙ୍କ ଗହଣରେ ସମ୍ମାନିତ ହୋଇ ଭାବବିହ୍ୱଳ ହୋଇଥିଲେ। ଜନ୍ମମାଟିରେ ସମ୍ମାନିତ ହେବାର ଅନୁଭବ ଏକ ନିଆରା ବୋଲି ପ୍ରକାଶ କରିବା ସହ ପିଲାଦିନରେ ପାଠପଢ଼ୁଥିବା ଗାଁ ସ୍କୁଲର ଉନ୍ନତୀକରଣ କରିବା ଉପରେ ଗୁରୁତ୍ୱ ଦେବେ ବୋଲି ପ୍ରକାଶ କରିଥିଲେ।

ବରିଷ୍ଠ ସମବାୟବିତ୍ ଶ୍ରୀଧର ବେହେରାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବରେ ପୂର୍ବତନ ସରପଞ୍ଚ ଅଭିମନ୍ୟୁ ମହାଳିକ, ପ୍ରଫୁଲ ସାହୁ, ପୂର୍ବତନ ସମିତିସଭ୍ୟ ଦିଲୀପ ସାହୁ, ପ୍ରଧାନଶିକ୍ଷକ ଆଲୋକ ଦାସ, ଆଇନଜୀବୀ ଫଣିନ୍ଦ୍ର କୁମାର ମିଶ୍ର, ଗୋପୀନାଥ ପତି, ଭିକାରି ଚରଣ ଜେନା, ଅଇଁଠି ରଣା, ଏମବି଼କେ ମମତା ସାହୁ, ଦୁର୍ଯ୍ୟୋଧନ ଦାସ, ଆବିଦା ବିବି ଓ ସରୋଜ କୁମାର ସାହୁ ପ୍ରମୁଖ ଯୋଗଦେଇ ଏମ୍‌ପିଙ୍କୁ ଅଞ୍ଚଳର ବିଭିନ୍ନ ସମସ୍ୟା ସମ୍ପର୍କରେ ଅବଗତ କରାଇଥିଲେ। ଯାଜପୁର ଜିଲା ଭାଜପା ସମ୍ପାଦକ ମୁକୁନ୍ଦଦେବ ମହାନ୍ତି ଧନ୍ୟବାଦ ଦେଇଥିଲେ।

## ୩୦ରେ ଜିଲାସ୍ତରୀୟ ସନ୍ତରଣ ପ୍ରତିଯୋଗିତା

**ଯାଜପୁର ସଦର,୨୩।୬(ସମର ବିଜୟ ଶରଣ):**

ଆସନ୍ତା ୩୦ ତାରିଖରେ ଯାଜପୁର ଟାଉନସ୍ଥିତ କୁସୁମା ନିକଟ ବିଜୁ ପଟ୍ଟନାୟକ ସୁଇମିଂ ପୁଲ୍ କମ୍ପ୍ଲେକ୍ସଠାରେ ଜିଲାସ୍ତରୀୟ ସନ୍ତରଣ ପ୍ରତିଯୋଗିତା ଆୟୋଜିତ ହେବ। ଏହାକୁ ଯାଜପୁର ଜିଲା ସନ୍ତରଣ ସଂଗଠନ ଓ ଜିଲା କ୍ରୀଡ଼ା ବିଭାଗ ମିଳିତ ଭାବେ ଆୟୋଜନ କରୁଛନ୍ତି। ଉକ୍ତ ପ୍ରତିଯୋଗିତାରେ ସନ୍ତରଣର ଚାରିଟି ଷ୍ଟ୍ରୋକରେ ପ୍ରତିଯୋଗୀ ପ୍ରତିଦ୍ୱନ୍ଦ୍ୱିତା କରିବେ। ସବ୍‌ଜୁନିୟର, ଜୁନିୟର ଓ ସିନିୟର ବର୍ଗରେ ପ୍ରତିଯୋଗିତା ହେବ। ଷ୍ଟ୍ରୋକ ଗୁଡିକ ହେଲା ଫ୍ରି ଷ୍ଟାଇଲ, ବ୍ୟାକ ଷ୍ଟ୍ରୋକ, ବ୍ରେଷ୍ଟ ଷ୍ଟ୍ରୋକ ଓ ଟର ଫ୍ଲାଏ। ଏହି ଷ୍ଟ୍ରୋକ୍‌ଗୁଡିକ ୫୦, ୧୦୦ ଓ ୨୦୦ ମିଟର ପାଇଁ ପ୍ରଯୁଜ୍ୟ। ଇଚ୍ଛୁକ ପ୍ରତିଯୋଗୀ ୨୮ ତାରିଖ ସନ୍ଧ୍ୟା ୬ଟା ସୁଦ୍ଧା ଫର୍ମ ପୂରଣ କରିବାକୁ ପରାମର୍ଶ ଦିଆଯାଇଛି। ଏହି ଫର୍ମ ବିଜୁ ପଟ୍ଟନାୟକ ସୁଇମିଂ ପୁଲ କମ୍ପ୍ଲେକ୍ସରେ ଉପଲବ୍ଧ ହେବ। ଅଧିକ ସୂଚନା ପାଇଁ ଆବେଦନକାରୀ ସନ୍ତରଣ କୋଚଙ୍କୁ ଯୋଗାଯୋଗ କରିବାକୁ ନିବେଦନ କରାଯାଇଛି। ଯୋଗ୍ୟ ବିବେଚିତ ପ୍ରତିଯୋଗୀ ଜୁଲାଇ ୯ରୁ ୧୧ ତାରିଖ ପର୍ଯ୍ୟନ୍ତ ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମରେ ଆୟୋଜିତ ହେବାକୁଥିବା ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିବେ ବୋଲି ସୂଚନା ମିଳିଛି।

## ବଙ୍ଗୀୟ ଯୁବକଙ୍କ ମୃତଦେହ ଜବତ

**ଭୋଗରାଇ,୨୩।୬(ପ୍ରଦୀପ ଦାସ)**

ବାଲେଶ୍ୱର ଜିଲା ତାଳସାରି ସାମୁଦ୍ରିକ ଥାନା ଅନ୍ତର୍ଗତ ସାହାବାଜିପୁର ଗ୍ରାମର ରେଣୁକା ପ୍ରଧାନଙ୍କ ଘରେ ଭଡ଼ା ନେଇ ରହୁଥିବା ଜଣେ ବଙ୍ଗୀୟ ଯୁବକଙ୍କ ମୃତଦେହ ବନ୍ଦ କୋଠରୀରୁ ପୋଲିସ ଉଦ୍ଧାର କରିଛି।

ସୂଚନା ଅନୁଯାୟୀ ପଶ୍ଚିମବଙ୍ଗର ଦକ୍ଷିଣ ୨୪ ପ୍ରଗଣା ଜିଲାର ସିନ୍ଦ୍ରାଣୀ ଥାନା ଅନ୍ତର୍ଗତ କୁଠିବାଡ଼ି ଗ୍ରାମର ମନୋଜିତ ହାଲଦାର (୩୫) ଓ ପୂର୍ବ ମେଦିନୀପୁର ଜିଲା ଲଛୁବର ଗ୍ରାମର ଶିବପ୍ରସାଦ ଦାସ (୩୦) ସାହାବାଜିପୁର ଗ୍ରାମର ରେଣୁକା ପ୍ରଧାନଙ୍କ ଘର ଭଡ଼ା ନେଇ ରହୁଥିଲେ। ଶନିବାର ମନୋଜିତଙ୍କ ସହଯୋଗୀ ଶିବପ୍ରସାଦ କେଉଁଆଡ଼େ ଚାଲି ଯାଇଥିବା ବେଳେ ରବିବାର ସକାଳେ ଘର ମାଲିକାଣି ମନୋଜିତଙ୍କ ଝୁଲନ୍ତା ମୃତଦେହ ଦେଖି ତାଳସାରି ସାମୁଦ୍ରିକ ଥାନା ପୋଲିସକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ବନ୍ଦ କୋଠରୀ ଭିତରୁ ମାଜିଷ୍ଟ୍ରେଟ ଦାୟିତ୍ୱରେ ଥିବା ଭୋଗରାଇ ଅତିରିକ୍ତ ତହସିଲଦାର ଚୈତନ୍ୟ ପ୍ରସାଦ ମୁର୍ମୁଙ୍କ ଉପସ୍ଥିତିରେ ଘରର କବାଟ ଖୋଲି ମୃତଦେହ ଜବତ କରିବା ସହିତ ଏକ ଅପମୃତ୍ୟୁ ମାମଲା (ନଂ.୩/୨୪) ରୁଜୁ କରି ବ୍ୟବଚ୍ଛେଦ ପାଇଁ ପଠାଇଛନ୍ତି।

## ନକଲି ସିମେଣ୍ଟ ଗାଡ଼ିକୁ ପୋଲିସ ଜିମାଦେଲେ ଗ୍ରାମବାସୀ

**ବିଞ୍ଝାରପୁର,୨୩।୬(ରାମକୃଷ୍ଣ ଦାସ):** ବିଞ୍ଝାରପୁର ବ୍ଲକ ଅଳକୁଣ୍ଡ ଥାନା ଅଧୀନ ଅଳକୁଣ୍ଡ ବଜାରରେ ରବିବାର ସକାଳେ ଏକ ନକଲି ସିମେଣ୍ଟ ବୋଝେଇ ମିନିଟ୍ରକକୁ ଅଟକାଇ ଗ୍ରାମବାସୀ ପୋଲିସ ଜିମା ଦେଇଛନ୍ତି। (ଓଆର୍୦୪ଜେ୬୫୨୪)ମିନିଟ୍ରକଟି ଦଶରଥପୁର ଥାନା ନନ୍ଦିପୁର ଅଞ୍ଚଳରୁ ପ୍ରତିଦିନ ନକଲି ସେମେଣ୍ଟ ନେଇ ବିଞ୍ଝାରପୁର ବ୍ଲକ ସମେତ ଆଳି ବ୍ଲକର ବିଭିନ୍ନ ଦୋକାନରେ ଯୋଗାଉଛି ବୋଲି ଅଭିଯୋଗ ହୋଇଆସୁଥିଲା। ସକାଳେ ନକଲି ସିମେଣ୍ଟ ଗାଡ଼ି ନନ୍ଦିପୁରରୁ ବାହାରି ବାରିକୂଳ, ଅଳକୁଣ୍ଡ, ମାଁସଡ଼ା, ସିଂହପୁର ଦେଇ ଆଳି ବ୍ଲକ ପାଳିମି ଯାଉଥିଲା। ଏହି ସମୟରେ ଅଳକୁଣ୍ଡ ବସ୍ତିରେ କେତେଜଣ ଲୋକ ଗାଡ଼ିକୁ ଅଟକାଇ ପୋଲିସକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ଟ୍ରକକୁ ଜବତ କରିବା ସହ ଚାଳକଙ୍କୁ ଥାନାକୁ ନେଇ ଅଟକ ରଖିଛି। ସେଥିରେ ଥିବା ସିମେଣ୍ଟ ନକଲି କି ଅସଲି ଏବଂ ସେ ସିମେଣ୍ଟ କେଉଁଠାରୁ ଆସୁଥିଲା ଏ ନେଇ ପୋଲିସ ତଦନ୍ତ ଚଳାଇଛି। ଉକ୍ତ ସିମେଣ୍ଟ ବୋଝେଇ ଗାଡ଼ିର କୌଣସି କାଗଜପତ୍ର ନ ଥିବା ଜଣାଯାଇଛି।





ଜବତ ସିମେଣ୍ଟ ବୋଝେଇ ମିନିଟ୍ରକ୍।

## ୨ ଫାଳ ହୋଇଗଲା ବରଗଛ, ଭାଙ୍ଗିଲା ହାଟଘର

**କାଏମା,୨୩।୬(ଶିବପ୍ରସାଦ ମହାନ୍ତି):**

ଧର୍ମଶାଳା ବ୍ଲକ ଅନ୍ତର୍ଗତ ବଡ଼କାଏମା ପଞ୍ଚାୟତର କାଏମା ବଜାରରେ ଥିବା ବହୁ ପୁରାତନ ବରଗଛ ଗତ ଗୁରୁବାର ରାତି ବର୍ଷାରେ ମଝିରୁ ୨ ଫାଳ ହୋଇଯାଇଛି। ଫଳରେ ଲକ୍ଷାଧିକ ଟଙ୍କାରେ ନିର୍ମିତ ହୋଇଥିବା ହାଟ ଘର ଓ ଛାତ ଭାଙ୍ଗିବା ସହ ଅନେକ ସ୍ଥାନରେ ଫାଟ ସୃଷ୍ଟି ହୋଇଛି। ଗଛଟି ମଝିରୁ ଫାଳ ହୋଇ ଦୁଇ ପଟକୁ ଢଳି ରହିଛି। ଗଛର କିଛି ଡାଳ ରାସ୍ତା ଉପରେ ପଡ଼ି ରହିଥିବରୁ ହାଟ ମଧ୍ୟ ଦେଇ ଯାତାୟାତ ପ୍ରଭାବିତ ହୋଇଛି।

ବହୁ ପୁରାତନ ଏହି ବରଗଛଟି କାଏମା ବଜାର ମଧ୍ୟ ଭାଗରେ ଥିଲା। କାଏମା ମେଳଣ କମିଟି ପକ୍ଷରୁ ବଜାର ବ୍ୟବସାୟୀ ଓ ହାଟ ବ୍ୟବସାୟୀଙ୍କ ପାଇଁ ଅନେକ ଘର ନିର୍ମାଣ କରାଯାଇ ଭଡ଼ା ସୂତ୍ରରେ ଦିଆଯାଇଛି। ଯେବେ ଘରଗୁଡ଼ିକ ନିର୍ମାଣ କରାଯାଇଥିଲା, ଏହି ବରଗଛ ଅତି ପୁରୁଣା ହୋଇଥିବାରୁ କଟା ନ ଯାଇ ସୁରକ୍ଷା ଦିଆଯାଇଥିଲା। ଏବେ ଗଛ ଫାଳ ହେବାରୁ ଏହା ତଳେ ରହି ଥିବା ଅନେକ ଦୋକାନ କ୍ଷତିଗ୍ରସ୍ତ ହୋଇଛି।



ଗଛପଡ଼ି ଭାଙ୍ଗିଯାଇଥିବା ହାଟଘର।

# ଗୋକର୍ଣ୍ଣିକାର ସାରସ୍ୱତ ସମ୍ମାନ ପ୍ରଦାନ

**ଧର୍ମଶାଳା,୨୩।୬(ବଟକୃଷ୍ଣ ପରିଡ଼ା):**

ଗୋକର୍ଣ୍ଣିକା ସାହିତ୍ୟ ସମାଜ ଆନୁକୂଲ୍ୟରେ ଗୋକର୍ଣ୍ଣିକା ସାରସ୍ୱତ ସମ୍ମାନ ପ୍ରଦାନ ଉତ୍ସବ କଲଣସ୍ଥିତ ଶିଶୁ ବିଦ୍ୟା ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନ ସଭାପତି ରମାକାନ୍ତ ଜେନାଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥିଭାବେ ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁ ଯୋଗଦେଇ ଗ୍ରାମାଞ୍ଚଳରେ ଦୀର୍ଘ ବର୍ଷ ଧରି ଗୋକର୍ଣ୍ଣିକା ପତ୍ରିକା ପ୍ରକାଶ ପାଉଥିବା ଜାଣି ପ୍ରଶଂସା କରିଥିଲେ। ଏଥିସହ ସାହିତ୍ୟିକ ଡ. ଭାଗ୍ୟଧର ସାହୁ, ଆଦର୍ଶ ଶିକ୍ଷକ କୈଳାସ ଚନ୍ଦ୍ର ନାୟକ, ଅନୁବାଦକ ରବି ଶତପଥୀ, ଗାଳ୍ପିକ ଅର୍ଜୁନ ପୃଷ୍ଟି, ଚିତ୍ରକର ସତ୍ୟପ୍ରିୟ ମହାନ୍ତି, କବି ବିଶ୍ୱନାଥ ପଣ୍ଡା, କବି ଓ ଅନୁବାଦକ ସନ୍ତୋଷ କୁମାର ବେହେରା, ପ୍ରାବନ୍ଧିକ ଯୋଗୀନ୍ଦ୍ର ନାଥ ସାହୁଙ୍କୁ ବିଧାୟକ ମାନପତ୍ର, ଉପଢ଼ୌକନ ପ୍ରଦାନ କରି ଗୋକର୍ଣ୍ଣିକା ସାରସ୍ୱତ ସମ୍ମାନ ପ୍ରଦାନ କରିଥିଲେ। ବିଧାୟକ ସାହୁଙ୍କୁ ଅତିଥି ତଥା ଉପଦେଷ୍ଟା ପ୍ରଫେସର ବିଜୟ ଶତପଥୀ, ସାହିତ୍ୟିକ ବଟକୃଷ୍ଣ ଓଝା, ଉପଦେଷ୍ଟା ବିଦ୍ୟାଧର ସାହୁ, ମଧୁପୁର କଲେଜ ଅଧ୍ୟକ୍ଷ ଡ. ତୁହିନାଂଶୁ ରଥ ମାନପତ୍ର ଓ ଉପଢ଼ୌକନ ପ୍ରଦାନ କରିବା ସହିତ ନିଜ ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ। ଡ. ରୁଦ୍ର ନାରାୟଣ ପୃଷ୍ଟି ସ୍ୱାଗତ ଭାଷଣ ପ୍ରଦାନ କରିଥିବାବେଳେ ସମ୍ପାଦକ ମହେଶ୍ୱର ପାଢ଼ୀ ସମ୍ପାଦକୀୟ ସୂଚନା ପ୍ରଦାନ କରିଥିଲେ। କମିଟି ସଦସ୍ୟ ଡ. ଗୌତମ ଜେନା ଧନ୍ୟବାଦ ଦେଇଥିଲେ।

ଦ୍ୱିତୀୟାର୍ଦ୍ଧରେ ଅନୁଷ୍ଠାନ ପକ୍ଷରୁ ଅନୁଷ୍ଠିତ କବିତାପାଠ ଉତ୍ସବରେ କବି ରାମଚନ୍ଦ୍ର ଦାଶ ଅଧ୍ୟକ୍ଷତା କରିଥିବାବେଳେ ଅତିଥି ଭାବେ କବି ନିରଞ୍ଜନ ଜେନା, ସଂଯୋଜକ ଭାବେ କବି ପ୍ରତାପରୁଦ୍ର ପଣ୍ଡା ଓ କବି ପ୍ରଦୀପ ସାମଲ ଯୋଗ ଦେଇଥିଲେ। କବି ଗୌତମ ଜେନା, ପ୍ରଭାତ କୁମାର ମଲ୍ଲିକ, କାମେଶ୍ୱର ପଣ୍ଡା, ଜିତେନ୍ଦ୍ର କୁମାର ବେହେରା, ବ୍ରଜକିଶୋର ଦାଶ, ପ୍ରଶାନ୍ତ କୁମାର ସ୍ୱାଇଁ, ବିଜୟ କୁମାର ଦେବତା, ନିତ୍ୟାନନ୍ଦ ମହାନ୍ତି, ରଞ୍ଜିତା ଦାଶ, ସରସ୍ୱତୀ ପଣ୍ଡା ଓ ଶ୍ରାବଣୀ ଦାସ ପ୍ରମୁଖ ଯୋଗଦେଇ କବିତା ପାଠ କରିଥିଲେ। କବି ଗଣେଶ୍ୱର ବେହେରା ଧନ୍ୟବାଦ ଦେଇଥିଲେ।





ଗୋକର୍ଣ୍ଣିକା ସାରସ୍ୱତ ସମ୍ମାନ ପ୍ରଦାନ ଉତ୍ସବରେ ଯୋଗଦେଇଥିବା ଅତିଥି।

## ଆଜବେଷ୍ଟସ ଭାଙ୍ଗି ଘରେ ପଶିଲେ ଦୁର୍ବୃତ୍ତ

ରାଜକନିକା, ୨୩।୬(ସଞ୍ଜୟ କୁମାର ଦାଶ)

ରାଜକନିକା ଥାନା ଅଞ୍ଚଳ ତରାସ ନେତାଜୀ ଛକ ନିକଟସ୍ଥିତ ଏକ ଘରେ କେହି ନ ଥିବାର ସୁଯୋଗ ନେଇ ଆଜବେଷ୍ଟସ ଭାଙ୍ଗି ଦୁର୍ବୃତ୍ତମାନେ ଘରେ ପଶିଥିଲେ। ଏ କଥା ଜଣାପଡିବା ପରେ ଥାନାରେ ଅଭିଯୋଗ ହୋଇଛି। ପୋଲିସ ତଦନ୍ତ ଆରମ୍ଭ କରିଛି। ସୂଚନା ଅନୁଯାୟୀ, ତରାସ ନେତାଜୀ ଛକ ନିକଟରେ ଘରକରି ରହୁଥିବା ସୁଚିତ୍ରା ସାହୁ ଗତ ମେ ୧୯ ତାରିଖରୁ ଘରେ ଅନୁପସ୍ଥିତ ଥିଲେ। ଗତ ୧୫ ତାରିଖ ଦିନ ସେ ଘରକୁ ଫେରିଥିଲେ। ମୁଖ୍ୟ ଫାଟକ ଖୋଲି ଦେଖନ୍ତି ତ ତାଙ୍କ ସିଡିଘର ଆଜବେଷ୍ଟସ ଭଙ୍ଗା ଯାଇଛି । ଘରେ ଥିବା ଲୁଗାପଟା ସମେତ ଆସବାବପତ୍ର ଅବ୍ୟବସ୍ଥିତ ଭାବେ ଏଣେତେଣେ ପଡିଛି । ଏହାକୁ ନେଇ ସେହିଦିନ ଅର୍ଥାତ୍ ଜୁନ ୧୫ ତାରିଖ ଦିନ ରାଜକନିକା ଥାନାରେ ଲିଖିତ ଅଭିଯୋଗ କରିଥିଲେ । ଆଜକୁ ୬ ଦିନ ବିତିଯାଇଥିଲେ ବି ଅପରାଧୀକୁ ପୋଲିସ ଧରିବାରେ ସକ୍ଷମ ହୋଇ ନ ଥିବା ସୁଚିତ୍ରା ଅଭିଯୋଗ କରିଛନ୍ତି । ଏ ସମ୍ପର୍କରେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଫିଙ୍ଗର ପ୍ରିଣ୍ଟ ଆଣିଥିବା ସହ ଅଧିକ ତଦନ୍ତ ଚଳାଇଥିବା ରାଜକନିକା ଥାନା ଭାରପ୍ରାପ୍ତ ଅଧିକାରୀ ଦିଲୀପ କୁମାର ଧଳ କହିଛନ୍ତି ।

# ଅବ୍ୟବସ୍ଥା ଘେରରେ ନୂଆପାଟଣା ସରକାରୀ ବିଦ୍ୟାଳୟ

■ଛାତ୍ରୀଛାତ୍ର ଆକ୍ୱାଗାର୍ଡ ପାଣି ବଦଳରେ ପିଉଛନ୍ତି କୂଅ ପାଣି, ନଳକୂପ ଅଚଳ, ବିଦ୍ୟାଳୟରେ ନାହିଁ ବିଦ୍ୟୁତ୍ ସଂଯୋଗ

■ସରକାରୀ ନିୟମକୁ ଅଣଦେଖା

ରାଜକନିକା, ୨୩।୬
(ସଞ୍ଜୟ କୁମାର ଦାଶ)



ନୂଆପାଟଣାରେ ଥିବା ସରକାରୀ ପ୍ରକଳ୍ପ ପ୍ରାଥମିକ ବିଦ୍ୟାଳୟ।

ସରକାରୀ ବିଦ୍ୟାଳୟରେ ପାଠ ପଢିବାକୁ ଛାତ୍ରୀଛାତ୍ରଙ୍କୁ ଆକୃଷ୍ଟ କରିବା ଉଦ୍ଦେଶ୍ୟରେ ସରକାରଙ୍କ ପକ୍ଷରୁ ବିଭିନ୍ନ ଯୋଜନା ପ୍ରଣୟନ କରାଯାଇଛି। ଯେମିତିକି ସ୍ୱଚ୍ଛ ପାଣି, ସୁସଜ୍ଜିତ ଶ୍ରେଣୀଗୃହ, ପୋଷାକ, ବହି, ପୁଷ୍ଟିକର ମଧ୍ୟାହ୍ନଭୋଜନ ଭଳି ଅନେକ ଯୋଜନା। ହେଲେ ବାସ୍ତବ କ୍ଷେତ୍ରରେ ସହରରେ ଥିବା ବିଦ୍ୟାଳୟକୁ ଛାଡ଼ିଦେଲେ ଗ୍ରାମାଞ୍ଚଳରେ ଏହା ପ୍ରାୟ ଦେଖିବାକୁ ମିଳୁନାହିଁ। କେଉଁଠି ଶିକ୍ଷକ ଅଭାବ ତ କେଉଁଠାରେ ବିଦ୍ୟାଳୟରେ ବିଦ୍ୟୁତ୍ ସଂଯୋଗ ଦିଆଯାଇନାହିଁ। ଠିକ୍ ଢଙ୍ଗରେ ମଧ୍ୟ ପାଠପଢା ହେଉନାହିଁ। ମଧ୍ୟାହ୍ନଭୋଜନ ରୋଷେଇ ହେଉ ନ ଥିବା ଦେଖିବାକୁ ମିଳୁଛି। ଏହା ବାଦ୍ ସୌନ୍ଦର୍ଯ୍ୟକରଣ ପାଇଁ ପାଚେରି ନିର୍ମାଣ, ପରିମଳ ପରିଚ୍ଛନ୍ନତା ପାଇଁ ପରିସ୍ରାଗାର, ପାଇଖାନା, ବଗିଚା ଆଦି କରାଯାଉଛି। ହେଲେ ରାଜକନିକା ବ୍ଲକ ବଳରାମପୁର ପଞ୍ଚାୟତରେ ଥିବା ନୂଆପାଟଣା ସରକାରୀ ପ୍ରକଳ୍ପ ପ୍ରାଥମିକ ବିଦ୍ୟାଳୟରରେ ପ୍ରଥମରୁ ପଞ୍ଚମ ପର୍ଯ୍ୟନ୍ତ ୪୪ ଜଣ ଛାତ୍ରୀଛାତ୍ର ପାଠ ପଢୁଛନ୍ତି। ଛାତ୍ରୀଛାତ୍ରଙ୍କ ଉପସ୍ଥାନ ଅନୁଯାୟୀ ୩ ଜଣ ଶିକ୍ଷକ ଆବଶ୍ୟକ। ହେଲେ ଜଣେ ଶିକ୍ଷକ ଶିକ୍ଷାଦାନ କରୁଛନ୍ତି। ଅନ୍ୟପକ୍ଷେ ନଳକୂପଟି କେବେଠାରୁ ଖରାପ ହୋଇଯାଇଛି। ବିଦ୍ୟାଳୟରେ ଆକ୍ୱାଗାର୍ଡ ଅଛି। ହେଲେ ବିଦ୍ୟୁତ୍ ସଂଯୋଗ ନ ଥିବାରୁ ତାହା ଲାଗିପାରୁନି। ଛାତ୍ରୀଛାତ୍ର ବାଧ୍ୟ ହୋଇ କୂଅରେ ଲଗାଯାଇଥିବା ନଳକୂପ ପାଣି ପିଉଛନ୍ତି। ଯାହା ମଧ୍ୟାହ୍ନ ଭୋଜନ ପ୍ରସ୍ତୁତିରେ ବି ବ୍ୟବହାର ହେଉଛି। ଏପଟେ ଗ୍ରୀଷ୍ମ ପ୍ରକୋପରୁ ରକ୍ଷା ପାଇବା ପାଇଁ ସରକାରୀ ବ୍ୟବସ୍ଥାରେ ପ୍ରତ୍ୟେକ ଶ୍ରେଣୀଗୃହରେ ଫ୍ୟାନ ବ୍ୟବସ୍ଥା କରିବାକୁ ଥିବାବେଳେ, ବିଦ୍ୟାଳୟରେ ଆଦୌ ବିଦ୍ୟୁତ୍ ସଂଯୋଗ ନାହିଁ। ଏମିତିକି ବିଦ୍ୟୁତ୍ କାଟ୍ ହୋଇଗଲେ ଇନଭର୍ଟର ମଧ୍ୟ ବ୍ୟବସ୍ଥା କରାଯିବାକୁ ପ୍ରାବଧାନ ଅଛି। ହେଲେ ବିଦ୍ୟାଳୟରେ ବିଦ୍ୟୁତୀକରଣ କରାଯାଇ ନ ଥିବାରୁ ଛାତ୍ରୀଛାତ୍ରମାନେ ପ୍ରଚଣ୍ଡ ଗରମ ଓ ଗୁଳୁଗୁଳିରେ ପାଠ ପଢୁଛନ୍ତି। ପୁଣି ଗୋଟିଏ ଶ୍ରେଣୀଗୃହରେ ସବୁ ଶ୍ରେଣୀର ଛାତ୍ରୀଛାତ୍ର ବସି ପଢୁଛନ୍ତି। ଏହାବାଦ ଶୌଚାଳୟ ଅବସ୍ଥା ଶୋଚନୀୟ ହୋଇପଡ଼ିଛି। ବିଦ୍ୟାଳୟ ଚତୁଃପାର୍ଶ୍ୱରେ ପାଚେରି ନ ଥିବା କାରଣରୁ ଅସାମାଜିକଙ୍କ ପ୍ରାଦୁର୍ଭାବ ସହିତ ଗୋରୁ ବିଚରଣ କରୁଛନ୍ତି। ଆହୁରି ମଧ୍ୟ ଦୁଇବର୍ଷ ପୂର୍ବେ ପକା ଯାଇଥିବା ଟାଇଲ୍ସଗୁଡ଼ିକ ଭାଙ୍ଗି ଗଲାଣି ବୋଲି ଅଭିଭାବକମାନେ ଅଭିଯୋଗ କରିଛନ୍ତି। ବିଦ୍ୟାଳୟର ଉନ୍ନତୀକରଣ ପାଇଁ ସରକାର ଅର୍ଥର ବ୍ୟୟ ବରାଦ କରୁଥିବା ବେଳେ, ଏହାର ସୁଫଳ ଛାତ୍ରୀଛାତ୍ରମାନେ ପାଇବାରୁ ବଞ୍ଚିତ ହେଉଛନ୍ତି। ଶିକ୍ଷାୟତନରେ ଏଭଳି ଅବ୍ୟବସ୍ଥାକୁ ନେଇ ଗ୍ରାମବାସୀ ମଧ୍ୟ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସୁକେଶିନୀ ରଥଙ୍କୁ ପଚାରିବାରେ, ସମସ୍ତ ସମସ୍ୟା ଉପରିସ୍ଥ ଅଧିକାରୀଙ୍କୁ ଜଣାଇଛୁ। ବ୍ଲକ ମଣ୍ଡଳ ଶିକ୍ଷା ଅଧିକାରୀ ଦାୟିତ୍ୱରେ ଥିବା କୈଳାସ ଚନ୍ଦ୍ର ସାହୁ କହିଛନ୍ତି, ଏ ସମ୍ପର୍କରେ ଆମ୍ଭେ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଜଣାଇ ଦେଇଛୁ। ଦାୟିତ୍ୱରେ ଥିବା ସିଆର୍‌ସିସି ଶଶିକାନ୍ତ ଖଟୁଆ କହିଛନ୍ତି, ପାନୀୟ ଜଳ, ଶିକ୍ଷକ ଅଭାବ ଓ ବିଦ୍ୟୁତୀକରଣ ଭଳି ସମସ୍ୟା ଥିବା ନେଇ ଉପରିସ୍ଥ ଅଧିକାରୀଙ୍କୁ ଅବଗତ କରାଇଛୁ, ଖୁବ୍‌ଶୀଘ୍ର ସମସ୍ୟାର ସମାଧାନ ହୋଇଯିବ। ତେବେ ସମସ୍ତ ଅଧିକାରୀ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଜଣାଇ ଦାୟିତ୍ୱ ସାରି ଦେଲେ ସମସ୍ୟାର ସମାଧାନ ହୁଏନି। ତେବେ ଏଥିପାଇଁ ଉଚ୍ଚ କର୍ତ୍ତୃପକ୍ଷ ତତ୍ପରତା ପ୍ରକାଶ କଲେ ସମସ୍ୟାର ସମାଧାନ ହୋଇପାରିବ ବୋଲି ଅଞ୍ଚଳର ବୁଦ୍ଧିଜୀବୀ ତଥା ଶିକ୍ଷାବିତ୍‌ମାନେ ମତ ପ୍ରକାଶ କରିଛନ୍ତି।


ବିଦ୍ୟଳୟ ପରିସରରେ ଥିବା ନଳକୂପ।


ବିଦ୍ୟାଳୟରେ ଥିବା ଏକ ଲାଟ୍ରିନ୍।

## ଡ. ଶ୍ୟାମା ପ୍ରସାଦ ମୁଖାର୍ଜୀଙ୍କ ବଳିଦାନ ଦିବସ



ରାଜକନିକା, ୨୩।୬(ସଞ୍ଜୟ କୁମାର ଦାଶ/ରବୀନ୍ଦ୍ର କୁମାର ଦାସ)

ମହାନ୍ ରାଷ୍ଟ୍ରବାଦୀ, ଶିକ୍ଷାବିତ୍ ଓ ଭାରତୀୟ ଜନସଂଘର ସଂସ୍ଥାପକ ଡ. ଶ୍ୟାମା ପ୍ରସାଦ ମୁଖାର୍ଜୀଙ୍କ ବଳିଦାନ ଦିବସ ପାଳିତ ହୋଇଯାଇଛି। ରାଜକନିକା ନହୁଲିଆ ଛକସ୍ଥିତ ଭାଜପା ଯୁବମୋର୍ଚ୍ଚା କାର୍ଯ୍ୟାଳୟରେ ଦୀପକ ମଲ୍ଲିକ, ଶିଲୁ ସିଂହ, ଦିଲୀପ କୁମାର ପରିଡ଼ା, ବାବୁ ଲେଙ୍କା, ତପନ ନାୟକ, ବାବନ ବେହେରା, ନୀର ନାୟକ, ରବି ଜେନା, ରମାକାନ୍ତ ଦାସ, ଦେବେନ୍ଦ୍ର ବାରିକ, ଅକ୍ଷୟ ସାହୁ, ସତ୍ୟବାନ୍ ବିଶ୍ୱାଳ, ଅମର ନାୟକ, ଅନନ୍ତ ନାୟକ ପ୍ରମୁଖ ଯୋଗଦେଇ ଡ. ମୁଖାର୍ଜୀଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ।

# ଅଜଣା ଗାଡ଼ି ଧକ୍କାରେ ଯୁବକଙ୍କ ମୃତ୍ୟୁ

■କ୍ଷତିପୂରଣ ଦାବିରେ ମୃତଦେହ ରଖି ରାସ୍ତାରୋକୋ

■୩ ଘଣ୍ଟା ଧରି ଯାନବାହନ ଚଳାଚଳ ବନ୍ଦ

■ତହସିଲଦାରଙ୍କ ବୁଝାଶୁଝା ପରେ ରାସ୍ତାରୋକୋ ହଟିଲା

ଡେରାବିଶ, ୨୩।୬
(ବେବର୍ତ୍ତା ଅଜୟ ଦାସ)


କ୍ଷତିପୂରଣ ଦାବିରେ ଲୋକମାନେ ରାସ୍ତାରୋକୋ କରିଛନ୍ତି।

ଡେରାବିଶ ଥାନା ଅନ୍ତର୍ଗତ ୫୩ନଂ. ଜାତୀୟ ରାଜପଥର ଓଲଡ଼ି ଓ ଅଁଳାବାଙ୍କ ଛକ ନିକଟରେ ରବିବାର ଅପରାହ୍ନରେ ଏକ ଅଜଣା ଗାଡ଼ି ଧକ୍କାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତ ଯୁବକ ହେଲେ ଡେରାବିଶ ଥାନା ଗୁଆଳସିଂ ପଞ୍ଚାୟତ ଠାକୁରହାଟ ଗ୍ରାମର ନୀଳମଣି ସାହୁଙ୍କ ପୁଅ ଭାଗ୍ୟଧର ସାହୁ(୪୩)।

ଭାଗ୍ୟଧର ତାଙ୍କର ବାଇକ୍ ଯୋଗେ ନିଜ ଟ୍ରାକ୍ଟର ପାଇଁ ଅଁଳାବାଙ୍କଠାରେ ଥିବା ପେଟ୍ରୋଲ ପମ୍ପକୁ ଡିଜେଲ ଆଣିବାକୁ ଯାଉଥିବା ବେଳେ ଚଣ୍ଡିଖୋଲରୁ ପାରାଦୀପ ଅଭିମୁଖେ ଯାଉଥିବା ଏକ ଦ୍ରୁତଗାମୀ ଗାଡ଼ି ତାଙ୍କୁ ପଛପଟୁ ଧକ୍କା ଦେଇ ବାଇକ୍ ସହ ତାଙ୍କୁ କିଛିବାଟ ଆଗକୁ ଘୋଷାରି ନେଇଥିଲା। ଘଟଣାସ୍ଥଳରେ ଭାଗ୍ୟଧରଙ୍କ ମୃତ୍ୟୁ ଘଟିଥିଲା। ଏହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ପ୍ରକାଶ ପାଇଥିଲା। ଠାକୁରହାଟ ଗାଁର ଶତାଧିକ ଲୋକ ରାସ୍ତା ଉପରକୁ ଆସି ଭାଗ୍ୟଧରଙ୍କ ମୃତଦେହକୁ ରଖି କ୍ଷତିପୂରଣ ଦାବିରେ ରାସ୍ତାରୋକୋ କରିଥିଲେ। ରାସ୍ତାରୋକୋ ପାଇଁ ଦିନ ୪ଟାରୁ ସନ୍ଧ୍ୟା ୭ଟା ଯାଏ ୩ଘଣ୍ଟା ରାସ୍ତାରେ ଯାନବାହନ ଚଳାଚଳ ସମ୍ପୂର୍ଣ୍ଣ ବନ୍ଦ ହୋଇଯାଇଥିଲା। ଶତାଧିକ ସଂଖ୍ୟାରେ ଯାନବାହନ ଅଟକିବା ଫଳରେ କଟକରୁ କେନ୍ଦ୍ରାପଡ଼ା ଓ କେନ୍ଦ୍ରାପଡ଼ାରୁ କଟକ ଯାଉଥିବା ବସ୍ ଯାତ୍ରୀ ବହୁ ସମସ୍ୟାର ସମ୍ମୁଖୀନ ହୋଇଥିଲେ। ପରିସ୍ଥିତିକୁ ନିୟନ୍ତ୍ରଣ କରିବା ପାଇଁ ଡେରାବିଶ ଥାନା ଅଧିକାରୀ କିଶୋର ଚନ୍ଦ୍ର ତରାଇ, ଏସ୍‌ଆଇ ପ୍ରଦୋଷ କୁମାର ପଟ୍ଟନାୟକ, କେନ୍ଦ୍ରାପଡ଼ା ଟାଉନ ଥାନା ଅଧିକାରୀ ଦିଲୀପ କୁମାର ସାହୁ, ସଦର ଥାନା ଏସ୍‌ଆଇ ବିଶ୍ୱଭୂଷଣ ସାହାଣୀଙ୍କ ସମେତ ବହୁ ପୋଲିସ ଫୋର୍ସ ଘଟଣାସ୍ଥଳରେ ପହଞ୍ଚି ଥିଲେ। ସନ୍ଧ୍ୟାରେ ଡେରାବିଶ ତହସିଲଦାର ପ୍ରଜ୍ଞା ପାରମିତା ପୃଷ୍ଟି ଘଟଣାସ୍ଥଳକୁ ଆସି ଲୋକଙ୍କୁ ବୁଝାଶୁଝା କରିବା ପରେ ରାସ୍ତାରୋକୋ ହଟିଥିଲା। ତହସିଲଦାର ପୃଷ୍ଟି ମୃତକଙ୍କ ପରିବାରକୁ ଜିଲା ରେଡ୍‌କ୍ରସ ପାଣ୍ଠିରୁ ୧୦ହଜାର ଟଙ୍କା ସହାୟତା ରାଶି ପ୍ରଦାନ କରିଥିଲେ।

## ମେଣ୍ଟପୁରରେ ବୟୋବୃଦ୍ଧଙ୍କୁ ପୂଜାର୍ଚ୍ଚନା, ନାମ ସଂକୀର୍ତ୍ତନ

ଆଳି, ୨୩।୬(ବନମାଳୀ ସେନାପତି)

ଆଳି ବ୍ଲକ ମେଣ୍ଟପୁର ଗ୍ରାମରେ ଅଷ୍ଟପ୍ରହର ନାମ ସଂକୀର୍ତ୍ତନ ସହ ପୂଜ୍ୟପୂଜା ପରମ୍ପରା ଆଧାରରେ ବୟୋବୃଦ୍ଧଙ୍କ ପଦ ବନ୍ଦନା କରାଯାଇ ପୂଜାର୍ଚ୍ଚନା କରାଯାଇଥିଲା। ଗ୍ରାମଦେବତୀ ସାହାଡ଼ା ସୁନ୍ଦରୀ ପୀଠରେ ୩ଦିନ ଧରି ନାମଯଜ୍ଞ ଓ ନଗରକୀର୍ତ୍ତନରେ ଶ୍ରଦ୍ଧାଳୁମାନେ ଯୋଗଦାନ କରିଥିଲେ। ନାମ ସଂକୀର୍ତ୍ତନରେ ଗ୍ରାମବାସୀଙ୍କ ସମେତ ଦୂରଦୂରାନ୍ତର ବିଭିନ୍ନ ସଂକୀର୍ତ୍ତନ ମଣ୍ଡଳୀଙ୍କ ନାମଜପର ଆଧ୍ୟାତ୍ମିକ ପରିବେଶରେ ଗ୍ରାମ ପରିବେଶ ମୁଖରିତ ହୋଇଥିଲା। ଦ୍ୱିତୀୟ ଦିବସରେ ଗ୍ରାମବାସୀଙ୍କ ପକ୍ଷରୁ ବରିଷ୍ଠ ନାଗରିକ କୃଷ୍ଣ ଚନ୍ଦ୍ର ମଲିକ, ବାବାଜୀ ଚରଣ ସ୍ୱାଇଁ, ଧନେଶ୍ୱର ମଲ୍ଲିକ, ଫକୀର ଚରଣ ସ୍ୱାଇଁ, ଗୌରାଙ୍ଗ ଚରଣ ରାଉତ, ସଦାନନ୍ଦ ସ୍ୱାଇଁ, ଶତ୍ରୁଘ୍ନ ସ୍ୱାଇଁ, ଚୈତନ୍ୟ ବାରିକ ପ୍ରମୁଖଙ୍କ ପଦବନ୍ଦନା ଓ ପୂଜାର୍ଚ୍ଚନା କରି ଉତ୍ତରୀୟ ପ୍ରଦାନ କରାଯାଇଥିଲା। ଏହି ଆଧ୍ୟାତ୍ମିକ ଓ ପୂଜ୍ୟପୂଜା କାର୍ଯ୍ୟକ୍ରମକୁ ଗ୍ରାମ ଯୁବସଙ୍ଗଠନ ପକ୍ଷରୁ ସମୀର କୁମାର ରାଉତ, ରାଜ କିଶୋର ମଲ୍ଲିକ, ଅନିଲ କୁମାର ବେହେରା, ସୁଶାନ୍ତ ମଲ୍ଲିକ, ଭୀଷ୍ମ ସ୍ୱାଇଁ, ଅସିତ ରଞ୍ଜନ ରାଉତ, ସୁରେଶ ବେହେରା ସୌଭାଗ୍ୟ ସ୍ୱାଇଁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଅର୍ବାନ କୋ ଅପରେଟିଭ ବ୍ୟାଙ୍କର ବାର୍ଷିକ ଅଧିବେଶନ

କେନ୍ଦ୍ରାପଡ଼ା, ୨୩।୬ (ଜଗନ୍ନାଥ ଧଳ)

କେନ୍ଦ୍ରାପଡ଼ା ଅର୍ବାନ କୋ ଅପରେଟିଭ ବ୍ୟାଙ୍କର ୨୯ତମ ବାର୍ଷିକ ଅଧିବେଶନ ଉଦୟନଗରସ୍ଥିତ ଜିଲା ସଂସ୍କୃତି ଭବନଠାରେ ରବିବାର ଅନୁଷ୍ଠିତ ହୋଇଯାଇଛି। ପରିଚାଳନା କମିଟି ଅଧକ୍ଷ ଗୁରୁପ୍ରସାଦ ମହାନ୍ତିଙ୍କ ଅଧକ୍ଷତାରେ ଅନୁଷ୍ଠିତ ଅଧିବେଶନରେ ବ୍ୟାଙ୍କର ଶାଖା ବୃଦ୍ଧି, ମଧୁବାବୁଙ୍କ ନାମରେ ଯୋଜନା ପ୍ରଣୟନ ପାଇଁ ଆଲୋଚନା ହୋଇଥିଲା। ଏଥିରେ ଭାରପ୍ରାପ୍ତ କାର୍ଯ୍ୟନିର୍ବାହୀ ଅଧିକାରୀ ଭାଗ୍ୟଲକ୍ଷ୍ମୀ ପଣ୍ଡା ବ୍ୟାଙ୍କର ବାର୍ଷିକ ବିବରଣୀ ଉପସ୍ଥାପନ କରିଥିଲେ। କମିଟିର ଉପସଭାପତି ଡ. ଅପର୍ଣ୍ଣା ମହାନ୍ତି ଓ ନିର୍ଦ୍ଦେଶକମାନେ ବ୍ୟାଙ୍କର ଉନ୍ନତି ପାଇଁ ବିଭିନ୍ନ ପ୍ରସ୍ତାବ ଆଗତ କରିଥିଲେ। ଏହି ଅବସରରେ ସାହିତ୍ୟ କ୍ଷେତ୍ରରେ ଉଲ୍ଲେଖନୀୟ କୃତିତ୍ୱ ପାଇଁ ଡ. ବିରଜା ରାଉତରାୟ, ଦଶମ ପରୀକ୍ଷା ଜିଲା ଟପ୍ପର ଅନନ୍ୟା ବାରିକ, ଆଳି ଶାଖା କର୍ମଚାରୀ ଓ ଡିସିବି ବ୍ୟାଙ୍କ ପ୍ରଶାସନିକ ଅଧିକାରୀ ନରେନ୍ଦ୍ର ମିଶ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଅଧିବେଶନକୁ କର୍ମଚାରୀ ସୁରେଶ ଚନ୍ଦ୍ର ପରିଡ଼ା, ସୁକାନ୍ତ କୁମାର କର, ଭଞ୍ଜ କିଶୋର ଜେନା, ରବୀନ୍ଦ୍ର ପାତ୍ର, ଲଲାଟେନ୍ଦୁ କେଶରୀ ଦାସ, ଅଜିତ କୁମାର ପତି ପ୍ରମୁଖ ପରିଚାଳନା କରିଥିଲେ।


ଡ. ବିରଜା ରାଉତରାୟଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

# କେନ୍ଦ୍ରର ଚାଷୀଙ୍କୁ ଏମ୍‌ଏସ୍‌ପି ପ୍ରଦାନରେ ପ୍ରତାରଣା

କେନ୍ଦ୍ରାପଡ଼ା, ୨୩।୬ (ଜଗନ୍ନାଥ ଧଳ)

କେନ୍ଦ୍ରରେ ଶାସନାଧୀନ ଏନ୍‌ଡିଏ ସରକାର ୧୪ଟି ଫସଲର ନୂଆ ସର୍ବନିମ୍ନ ସହାୟକ ମୂଲ୍ୟ ବୁଧବାର ନିର୍ଣ୍ଣୟ କରିଛନ୍ତି। ତେବେ ଏହି ଏମ୍‌ଏସ୍‌ପି ନିର୍ଣ୍ଣୟରେ ଚାଷୀ ପ୍ରତାରିତ ହୋଇଛନ୍ତି। ଏଥିରେ କେବଳ ରାଜନୈତିକ ଅଭିସନ୍ଧି ଥିବାବେଳେ ଚାଷୀଙ୍କ ଦାବି ଓ ବିଭିନ୍ନ କମିସନ ରିପୋର୍ଟକୁ ଅଣଦେଖା କରାଯାଇଛି। ଏହାର ପ୍ରତିବାଦ ଜାରି ରହିବ ବୋଲି ଓଡ଼ିଶା କୃଷକ ସଭା କେନ୍ଦ୍ରାପଡ଼ା ଜିଲା ଶାଖା ପକ୍ଷରୁ ଏକ ଖବରଦାତା ସମ୍ମିଳନୀରେ ଶୁକ୍ରବାର ସୂଚନା ଦିଆଯାଇଛି। କେନ୍ଦ୍ରାପଡ଼ା ସହର ଖଡିଅଙ୍ଗସ୍ଥିତ କାର୍ଯ୍ୟାଳୟ ପରିସରରେ ଏହି ସମ୍ମିଳନୀ ହୋଇଥିଲା। ଏଥିରେ ଜିଲା କୃଷକ ସଭାର ସଭାପତି ଗୟାଧର ଧଳ, ସମ୍ପାଦକ ବିଜୟ ଦାସ ଯୋଗ ଦେଇଥିଲେ। ସେମାନେ କହିଥିଲେ ଯେ, ଫସଲ ଉତ୍ପାଦନ ଖର୍ଚ୍ଚ ଅସ୍ୱାଭାବିକ ଭାବେ ବୃଦ୍ଧି ପାଇଛି। ମଜୁରୀଠାରୁ ଆରମ୍ଭ କରି ଆନୁଷଙ୍ଗିକ ଖର୍ଚ୍ଚ ବଢ଼ିଛି। ଏଥିପାଇଁ ସିଏସିପି (କମିସନ ଫର ଏଗ୍ରିକଲଚରାଲ କଷ୍ଟ ଆଣ୍ଡ ପ୍ରାଇସେସ)ର ସିଦ୍ଧାନ୍ତ ଅନୁସାରେ ୨୦୧୮ ମସିହାରେ କେନ୍ଦ୍ରର ଭାଜପା ସରକାର ଫସଲ ଉତ୍ପାଦନ ଖର୍ଚ୍ଚର ଦେଢ଼ଗୁଣା ସହାୟକ ମୂଲ୍ୟ ପ୍ରଦାନ ପାଇଁ ଘୋଷଣା କରିଥିଲେ। ତେବେ ପ୍ରକୃତ ଖର୍ଚ୍ଚକୁ ଲୁଚାଇ ଚଳିତ କେନ୍ଦ୍ର ସରକାର ଫସଲର ଏମ୍‌ଏସ୍‌ପି ନିର୍ଣ୍ଣୟ କରିଛନ୍ତି। କୃଷକ ଆନ୍ଦୋଳନକୁ ପ୍ରତିହତ କରିଥିବା ଏହି ଯୋଜନା ତାଙ୍କର ଫଳବତୀ ହେବ ନାହିଁ। ଫସଲର ପ୍ରକୃତ ଖର୍ଚ୍ଚର ଆକଳନ ସହ ଏମ୍‌ଏସ୍‌ପି ଦେଢ଼ଗୁଣା ନ ହେଲେ କୃଷକଙ୍କ ଆନ୍ଦୋଳନ ଜାରି ରହିବ ବୋଲି ସେମାନେ ପ୍ରକାଶ କରିଥିଲେ।

## ବଜ୍ରପାତରେ ଯୁବକ ଆହତ

ରାଜକନିକା, ୨୩।୬(ସଞ୍ଜୟ କୁମାର ଦାଶ)

ରାଜକନିକା ଅଞ୍ଚଳରେ ମୌସୁମୀ ସକ୍ରିୟ ହୋଇଛି। ଏହା ପ୍ରଭାବରୁ ରବିବାର ମଧ୍ୟାହ୍ନରେ କିଛି ସମୟ ଧରି ବଜ୍ରପାତ ସହ ମଧ୍ୟମରୁ ପ୍ରବଳ ବର୍ଷା ହୋଇଥିଲା। ବର୍ଷାର କିଛି ସମୟ ପୂର୍ବରୁ ନହୁଣୀ ପଞ୍ଚାୟତ ପଙ୍କି ଗାଁର ବିଭୂତି ବିଶ୍ୱାଳ (୩୨) ଓ ଦାମୋଦର ମଲିକ(୫୫) ଦୁହେଁ ମିଶି କୌଣସି କାର୍ଯ୍ୟରେ ସ୍ଥାନୀୟ ଓଳାଭର ମାର୍କେଟକୁ ଯାଉଥିଲେ। ଗାଁରୁ କିଛିବାଟ ଆସିବା ପରେ ହଠାତ ଘଡ଼ଘଡ଼ି ସହ ବର୍ଷା ହୋଇଥିଲା। ବିଭୂତି ଓ ଦାମୋଦର ରାସ୍ତା ପାଖରେ ଥିବା ଏକ ଆମ୍ବଗଛ ମୂଳେ ଆଶ୍ରୟ ନେଇଥିଲେ। ହଠାତ୍ ଜୋରରେ ବଜ୍ରପାତ ହୋଇଥିଲା। ସେଥିରେ ବିଭୂତି ତଳେ ପଡି ଯାଇଥିଲେ ଓ ଦାମୋଦରଙ୍କୁ କିଛି ଆଘାତ ଲାଗି ନ ଥିବା ଜଣାପଡିଛି। ପରିବାରର ଲୋକେ ବିଭୂତିଙ୍କୁ ରାଜକନିକା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ। ସେଠାରେ ଚିକିତ୍ସା ହେବା ପରେ ସେ ଭଲ ଥିବା ଜଣାଯାଇଛି।

# ଶ୍ୟାମାପ୍ରସାଦ ମୁଖାର୍ଜୀଙ୍କ ବଳିଦାନ ଦିବସ

ମାର୍ଶାଘାଇ, ୨୩।୬
(ଶୁଭେନ୍ଦୁ ପ୍ରସାଦ ଚୌଧୁରୀ)



ବଳିଦାନ ଦିବସରେ ବିଧାୟକ ଡ. ଦୁର୍ଗାପ୍ରସନ୍ନ ନାୟକ ଓ ଅନ୍ୟମାନେ।

ମାର୍ଶାଘାଇ ବ୍ଲକ ମଣିକୁଣ୍ଡା ପଞ୍ଚାୟତର ବାଲିକଷୋଟି ଗ୍ରାମରେ ଶ୍ୟାମାପ୍ରସାଦ ମୁଖାର୍ଜୀଙ୍କ ବଳିଦାନ ଦିବସ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ରୂପେ ମହାକାଳପଡ଼ା ବିଧାୟକ ଡ. ଦୁର୍ଗାପ୍ରସନ୍ନ ନାୟକ ଯୋଗଦେଇ ସ୍ୱର୍ଗତ ମୁଖାର୍ଜୀଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ। ଗୋଟିଏ ଦେଶରେ ଦୋ ନିଶାନ, ଦୋ ବିଧାନ, ଦୋ ପ୍ରଧାନ ଚଳିବ ନାହିଁ। ଜମ୍ମୁ-କଶ୍ମୀରରୁ ଧାରା ୩୭୦ ଉଚ୍ଛେଦ କରିବାକୁ ଆନ୍ଦୋଳନ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ମହାକାଳପଡ଼ା ନିର୍ବାଚନମଣ୍ଡଳୀ ସଂଯୋଜକ ସରୋଜକାନ୍ତ ସାହୁ, ମାର୍ଶାଘାଇ ମଣ୍ଡଳ ସଭାପତି ଇଂ. ପ୍ରକାଶ ଦାସ, ପ୍ରଶାନ୍ତ ସେଠୀ, ଯୁବନେତା ଚିତ୍ତରଞ୍ଜନ ଦାସ, ଜୀବନାନନ୍ଦ ସାହୁ, ସୁକାନ୍ତ ଦାସ, ପୂର୍ବତନ ସମିତିସଭ୍ୟ ଜ୍ଞାନରଞ୍ଜନ ବସନ୍ତିଆ, ମାର୍ଶାଘାଇର ପୂର୍ବତନ ସମିତିସଭ୍ୟ ନିଗମ ପ୍ରସାଦ ରଥ, ବରିଷ୍ଠ ନେତା ବିକ୍ରମ ରାଉତରାୟ ପ୍ରମୁଖ ଯୋଗଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ନିଗମ ଦାସ, ପ୍ରତାପ ପାଇକରାୟ, ଦିଲୀପ ପରିଡା, ସଞ୍ଜୟ ସ୍ୱାଇଁ, ହିରଣ୍ୟ ମହାପାତ୍ର, ଯାଦବନେତା ବଳଭଦ୍ର ଦାସ, ପ୍ରସନ୍ନ ପରିଡା, ଅଶ୍ୱିନୀ ଅମିତାଭ ନାୟକ, ସତ୍ୟସାଇ ମଲ୍ଲ, ଉମାକାନ୍ତ ପରିଡା, ବିଭୂତି ରାଉତ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ସାହିତ୍ୟ ହିଁ ସମ୍ପର୍କକୁ ମହନୀୟ କରିଥାଏ

ମାର୍ଶାଘାଇ, ୨୩।୬ (ଶୁଭେନ୍ଦୁ ପ୍ରସାଦ ଚୌଧୁରୀ)



ଅତିଥିମାନେ ମୁଖପତ୍ର 'ସମ୍ପର୍କ'କୁ ଉନ୍ମୋଚନ କରୁଛନ୍ତି।

ଆଜିକାଲି ଦୁନିଆରେ ରକ୍ତର ସମ୍ପର୍କରେ ବରଂ ଫାଟ ସୃଷ୍ଟି ହୋଇଥାଏ, ମାତ୍ର କେହି କାହାର ନିଜର ନ ହୋଇ ମଧ୍ୟ ସାହିତ୍ୟିକମାନେ ସମାଜରେ ସମ୍ପର୍କ ସୃଷ୍ଟି କରିଥାନ୍ତି ବୋଲି ବିଶିଷ୍ଟ ସାହିତ୍ୟିକମାନେ ମତ ପ୍ରକାଶ କରିଛନ୍ତି। ମାର୍ଶାଘାଇ ବ୍ଲକ ଅନ୍ତର୍ଗତ ଅନ୍ତେଇଠାରେ ବନବିହାରୀ ବିକାଶ ପରିଷଦ ପକ୍ଷରୁ ଏକ ସାରସ୍ୱତ ସମାରୋହ ଓ ମୁଖପତ୍ର 'ସମ୍ପର୍କ' ଉନ୍ମୋଚନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପରିଷଦର ସଭାପତି ଅବସରପ୍ରାପ୍ତ ପ୍ରଫେସର ନିତ୍ୟାନନ୍ଦ ସାହୁଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସ୍ୱନାମଧନ୍ୟ ସାହିତ୍ୟିକ ଅଧ୍ୟାପକ ବିଶ୍ୱରଞ୍ଜନ ଯୋଗଦେଇ ସାହିତ୍ୟରେ ସନ୍ନ୍ୟାସ ଥାଏ, ଥାଏ ସମ୍ଭୋଗ, ଭୋଗ ଓ ତ୍ୟାଗକୁ ନେଇ ସୃଷ୍ଟି ହୁଏ ସାହିତ୍ୟ। ସାହିତ୍ୟ ମଣିଷକୁ ବୁଦ୍ଧି ଓ ଆତ୍ମାର କଥା କହିବା ସହ ସମ୍ପର୍କ ଯୋଡ଼ିବାରେ ସହାୟକ ହୋଇଥାଏ। ସମ୍ମାନିତ ଅତିଥି ଭାବେ ଅନୁବାଦକ ଡ. ପ୍ରମୋଦ କୁମାର ପରିଡ଼ା, କବୟିତ୍ରୀ ଅନିନ୍ଦିତା ଦାସ ଓ ଅଧ୍ୟାପକ ଉମାକାନ୍ତ ନାୟକ ଯୋଗଦେଇ ଗ୍ରାମାଞ୍ଚଳରେ ଏଭଳି କାର୍ଯ୍ୟକ୍ରମ ଆରମ୍ଭ ହେବା ସମଗ୍ର ସାହିତ୍ୟ ଜଗତ ପାଇଁ ଶୁଭ ଲକ୍ଷଣ। ଏହାଦ୍ୱାରା ଗ୍ରାମାଞ୍ଚଳରେ ବହୁ ଲୁକ୍କାୟିତ ପ୍ରତିଭା ଆଗକୁ ଆସିପାରିବେ। ପରିଷଦର ଉପସଭାପତି ଡ. କୈଳାସ ସାମନ୍ତରାୟ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି ଅବସରରେ ଆରତି ତ୍ରିପାଠୀ, ଅଧ୍ୟାପିକା ଚିତ୍ରା ମଞ୍ଜରୀ ତ୍ରିପାଠୀ, କବି ଦେବେନ୍ଦ୍ର କର ଓ ଅନ୍ତେଇ ସରକାରୀ ଉଚ୍ଚ ବିଦ୍ୟାଳୟ ଛାତ୍ରୀଛାତ୍ରମାନେ ସ୍ୱରଚିତ କବିତା ପାଠ କରିଥିଲେ। ଅତିଥିମାନଙ୍କ ଦ୍ୱାରା ମୁଖପତ୍ର 'ସମ୍ପର୍କ' ଉନ୍ମୋଚନ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ସାମାଜିକ କର୍ମୀ ଗଣେଶ ଚନ୍ଦ୍ର ସାମଲ, ଅନ୍ତେଇ ସରପଞ୍ଚ ସଞ୍ଜୟ କୁମାର ସେଠୀ, ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ସରୋଜ କାନ୍ତ ଜେନା, ପ୍ରକୃତି ବନ୍ଧୁ ଉଦୟ ନାଥ ଚୌଧୁରୀ, ବରିଷ୍ଠ ନାଗରିକ ଅଟଳ ବିହାରୀ ଚୌଧୁରୀ ଉପସ୍ଥିତ ଥିଲେ।

# ସମସ୍ୟା ଘେରରେ ଇନ୍ଦୁପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର

ଡେରାବିଶ, ୨୩।୬
(ବେବର୍ତ୍ତା ଅଜୟ ଦାସ)

■ଆମ୍ବୁଲାନ୍ସ ଅଚଳ, ରୋଗୀ ହନ୍ତସନ୍ତ

■ଜିଲାପାଳ, ସିଡିଏମ୍‌ଓଙ୍କ ପାଖରେ ଅଭିଯୋଗ

କେନ୍ଦ୍ରପଡ଼ା ବ୍ଲକ ଅନ୍ତର୍ଗତ ଇନ୍ଦୁପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ସମସ୍ୟା ଲାଗି ରହିଛି। ଅବିଭକ୍ତ କଟକ ଜିଲାର ପ୍ରଥମ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଭାବେ ଏହା ପରିଚିତ। ପରେ ଏହା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମାନ୍ୟତା ପାଇଥିଲା। ଏହି ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନରେ ବର୍ତ୍ତମାନ ୫ ସ୍ୱାସ୍ଥ୍ୟକେନ୍ଦ୍ର ଓ ୨୫ ସବ୍ ସେଣ୍ଟର ପରିଚାଳିତ ହେଉଛି। କେନ୍ଦ୍ରାପଡ଼ା ବ୍ଲକ ଓ ପଡ଼ୋଶୀ ଯାଜପୁର ଜିଲାର ୧ ହଜାରରୁ ଉର୍ଦ୍ଧ୍ୱ ରୋଗୀ ଏହି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ପ୍ରତିଦିନ ନିର୍ଭର କରିଥାନ୍ତି। କିନ୍ତୁ ପ୍ରଶାସନିକ ଅବହେଳା ଓ ଦାୟିତ୍ୱହୀନତା ପାଇଁ ଏଠାରେ ସମସ୍ୟା ଧରାବନ୍ଧା ପାଲଟିଛି। କେତେବେଳେ ଡାକ୍ତର ଅଭାବ ଆଉ କେତେବେଳେ ଅଜଣା କାରଣରୁ ଅଗ୍ନିକାଣ୍ଡ ଘଟୁଛି। ଅଗ୍ନିକାଣ୍ଡକୁ ୬ମାସ ନ ପୁରୁଣୁ ଏପଟେ ଆଉ ଏକ ବଡ଼ ସମସ୍ୟା ମୁଣ୍ଡ ଟେକିଛି। ସ୍ଥାନୀୟ ବସିନ୍ଦାଙ୍କ ଦାବି ପରେ ବିଧାୟକଙ୍କ ପାଣ୍ଠିରୁ ଏକ ଆମ୍ବୁଲାନ୍ସ ମେଡିକାଲକୁ ଯୋଗାଇ ଦିଆଯାଇଥିଲା। କିନ୍ତୁ ଏଯାବତ୍ ତାହା ରୋଗୀଙ୍କ ସେବାରେ ଲାଗିପାରୁନି। କେବଳ ମେଡିକାଲ ପରିସରରେ ଆମ୍ବୁଲାନ୍ସଟି ପଡି ରହି ଖରା ବର୍ଷା ଖାଉଛି। ଗୁରୁତର ରୋଗୀ ମଧ୍ୟ ଠିକ୍ ସମୟରେ ଜିଲା ମୁଖ୍ୟ ଚିକିତ୍ସାଳୟ କିମ୍ବା କଟକ ବଡ ମେଡିକାଲକୁ ସ୍ଥାନାନ୍ତର ହେବାପାଇଁ ଅନେକ ସମସ୍ୟା ଭୋଗୁଛନ୍ତି। ଅଧିକାଂଶ ସମୟରେ ଦୁର୍ଘଟଣାଗ୍ରସ୍ତ ବ୍ୟକ୍ତିଙ୍କ ଜୀବନହାନୀ ଘଟିବାର ନଜିର ରହିଛି। ଉକ୍ତ ସମସ୍ୟାକୁ ନେଇ ସ୍ଥାନୀୟ ବାସିନ୍ଦା ଗୁରୁବାର କେନ୍ଦ୍ରାପଡ଼ା ଜିଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ ଓ ସିଡିଏମ୍‌ଓ ଅନିତା ପଟ୍ଟନାୟକଙ୍କୁ ଭେଟି ଦାବିପତ୍ର ଦେଇଛନ୍ତି। ଚନ୍ଦନ କୁମାର ସାହୁ, ମନୋଜ ମହତାବ, ଆଲୋକ ରାଉତ, ନିହାର ରଞ୍ଜନ ସାହୁ, ନିର୍ମଳ ମଲିକ, ମଞ୍ଜୁଲତା ସାହୁ, ଗୋଲଖେ ସାହୁ ପ୍ରମୁଖ ଲିଖିତ ଅଭିଯୋଗ କରି ତୁରନ୍ତ ଉକ୍ତ ସମସ୍ୟାର ସମାଧାନ ପାଇଁ ଦାବି ଜଣାଇଛନ୍ତି।

# ମେସ୍କୋ ଷ୍ଟିଲ୍ କାର୍ଯ୍ୟକ୍ଷମ ଦାବି ତେଜିଲା

- ଆର୍ଥିକ ଅନଟନରେ କର୍ମଚାରୀ, ଶ୍ରମିକ
- ଆଜି ମନ୍ତ୍ରୀଙ୍କୁ ଭେଟି ଦାବି ଜଣାଇବ ୟୁନିୟନ

ଯାଜପୁର,୨୩।୬(ହର୍ଷବର୍ଦ୍ଧନ ବେହେରା)

ରାଜ୍ୟରେ ପ୍ରଥମ କରି ଭାଜପା ସରକାର ଗଠନ ହେବା ପରେ କେତେକ ଲୋକହିତକର ଯୋଜନା ଉପରେ ପଦକ୍ଷେପ ଗ୍ରହଣ କରାଯାଇଛି। ଫଳରେ କଳିଙ୍ଗନଗର ଶିଳ୍ପାଞ୍ଚଳରେ ବନ୍ଦ ହୋଇଥିବା କେତେକ ଶିଳ୍ପ କାରଖାନା ଏବଂ ସେଥିରେ ନିର୍ଭରଶୀଳ ଶ୍ରମିକ ଓ କର୍ମଚାରୀଙ୍କ ସମସ୍ୟାର ସମାଧାନ ପାଇଁ ଆଶା ସଞ୍ଚାର ହୋଇଛି। କଳିଙ୍ଗନଗର ଶିଳ୍ପାଞ୍ଚଳରେ ପ୍ରଥମ କରି ପ୍ରତିଷ୍ଠା ହୋଇଥିବା ମେସ୍କୋ ଷ୍ଟିଲ କାରଖାନା ବନ୍ଦ ହୋଇରହିଥିବା ଯୋଗୁ କର୍ମଚାରୀ ଏବଂ ଶ୍ରମିକମାନଙ୍କ ପରିବାର ଘୋର ଆର୍ଥିକ ଅନଟନରେ ରହିଛନ୍ତି। କାରଖାନାକୁ ପୁନଃ କାର୍ଯ୍ୟକ୍ଷମ କରିବା ପାଇଁ ମେସ୍କୋ ଷ୍ଟିଲ ୱାର୍କର୍ସ ୟୁନିୟନ ଉଦ୍ୟମ ଚଳାଇଛି। ସୋମବାର କାରଖାନାର ମୁଖ୍ୟ ଫାଟକ ଠାରେ ଏକ ଜରୁରୀ ବୈଠକର ଆୟୋଜନ କରାଯାଇ ପରବର୍ତ୍ତୀ ପଦକ୍ଷେପ ଗ୍ରହଣ କରାଯିବ ବୋଲି ୟୁନିୟନ କର୍ମକର୍ତ୍ତାଙ୍କଠାରୁ ସୂଚନା ମିଳିଛି।



ବୈଠକରେ ସାମିଲ ହୋଇଥିବା ମେସ୍କୋ ଷ୍ଟିଲ୍ କର୍ମଚାରୀ।

ମେସ୍କୋ ଷ୍ଟିଲ କାରଖାନା ୨୦୧୯ ଡିସେମ୍ବରରୁ ସମ୍ପୂର୍ଣ୍ଣ ଭାବେ ବନ୍ଦ ପଡ଼ିଛି। ଫଳରେ ପ୍ରାୟ ୧୫୦୦ କର୍ମଚାରୀ ଓ ଶ୍ରମିକଙ୍କ ଜୀବନ ଏବେ ଦୁର୍ବିଷହ ହୋଇପଡ଼ିଛି। ଜିଲା ପ୍ରଶାସନ, ରାଜ୍ୟ ସରକାର ଏବଂ କୋର୍ଟ ଦ୍ୱାରସ୍ଥ ହୋଇଥିଲେ ହେଁ କର୍ମଚାରୀ ଓ ଶ୍ରମିକମାନେ କୌଣସି ସଫଳତା ପାଇନାହାନ୍ତି। ସ୍ଥାନୀୟ ନେତୃବର୍ଗ ମଧ୍ୟ ମୁହଁ ଖୋଲିନାହାନ୍ତି। ଜମି ଓ ଘରଡିହ ହରାଇଥିବା ୧୫୮ ବିସ୍ଥାପିତ ପରିବାରଙ୍କୁ କିଏ ପୁଣି ଥଇଥାନ କରିବ ସେ ନେଇ ବିଭିନ୍ନ ପ୍ରଶ୍ନ ଉଠୁଛି । ଅନ୍ୟପକ୍ଷେ ମେସ୍କୋ ଷ୍ଟିଲ କର୍ତ୍ତୃପକ୍ଷ କାରଖାନା ଖୋଲୁ ନ ଥିବାବେଳେ କଳେବଳେ କୌଶଳେ ରେଲୱେ ସାଇଡିଂ କାର୍ଯ୍ୟକ୍ଷମ କରି ଲାଭବାନ ହେଉଛନ୍ତି। ବ୍ୟାପକ ଆନ୍ଦୋଳନ ହେବା ପରେ ଗତ ୪ ମାସ ମଧ୍ୟରେ ପ୍ରଥମ ୨ ମାସ ୮ ହଜାର ଓ ଗତ ୨ ମାସ ୭୪୦୦ ଟଙ୍କା ଲେଖାଏ କର୍ମଚାରୀମାନଙ୍କୁ ପ୍ରଦାନ କରାଯାଉଛି। ହେଲେ ପୂର୍ବରୁ ଧାର ଉଧାର କରିଥିବା କର୍ମଚାରୀମାନଙ୍କୁ ସୁଧ ପରିଶୋଧରେ ଏହି ଟଙ୍କା ଶେଷ ହୋଇଯାଉଛି। ଏହି ସମ୍ବେଦନଶୀଳ ମାମଲାରେ ନବଗଠିତ ରାଜ୍ୟ ସରକାରଙ୍କ ହସ୍ତକ୍ଷେପ ନିହାତି ଆବଶ୍ୟକ ବୋଲି ଶ୍ରମିକ, କର୍ମଚାରୀମାନେ ଦାବି କରିଛନ୍ତି।

ସୂଚନାଯୋଗ୍ୟ, ୨୦୧୫ ନଭେମ୍ବର ୨୬ରୁ ମାସିକ ପ୍ରାୟ ୭ କୋଟି ଟଙ୍କା କ୍ଷତି ଦର୍ଶାଇ ମେସ୍କୋ କାରଖାନାକୁ ନିୟମିତ ବ୍ୟବଧାନରେ ବନ୍ଦ କରି ଦିଆଯାଇଥିଲା। ମେସ୍କୋ ପୁଣି ଉତ୍ପାଦନକ୍ଷମ ହେବ ବୋଲି କମ୍ପାନୀ ମଝିରେ ମଝିରେ ପ୍ରତିଶ୍ରୁତି ଦେଇଥିଲା। କିନ୍ତୁ ଉତ୍ପାଦନ ବଦଳରେ କର୍ମଚାରୀ ଓ ଶ୍ରମିକଙ୍କ ଜୀବିକା ଛଡ଼ାଇ ନିଆଗଲା। ଅନ୍ୟପକ୍ଷେ ନିଜର ଫାଇଦା ପାଇଁ ମେସ୍କୋ ଷ୍ଟିଲ କାରଖାନା ପରିସରରେ ଥିବା ରେଲୱେ ସାଇଡିଂକୁ କମ୍ପାନୀ ୨୦୨୧ ଜୁଲାଇରେ କାର୍ଯ୍ୟକ୍ଷମ କରିଥିଲା। ଏହାର ଲାଭ ଅଂଶରୁ କର୍ମଚାରୀମାନଙ୍କୁ ଦରମା ପ୍ରଦାନ କରିବାକୁ ବ୍ୟାପକ ଆନ୍ଦୋଳନ ହୋଇଥିଲା। ତେବେ ଏହାର ୩ ବର୍ଷ ପରେ ଗତ ୪ ମାସ ହେବ କର୍ମଚାରୀମାନଙ୍କୁ କିଛି ଅର୍ଥ ପ୍ରଦାନ କରାଯାଉଛି। ଅନ୍ୟପକ୍ଷେ ଅଧିକାରୀମାନେ ଟଙ୍କାଟିଏ ପାଉ ନ ଥିବାବେଳେ ସେମାନେ ମଧ୍ୟ ବିଭିନ୍ନ ଆର୍ଥିକ ଅନଟନର ଶିକାର ହେଉଛନ୍ତି। ତେଣୁ ସମସ୍ତ କର୍ମଚାରୀଙ୍କୁ ୨୦ ହଜାର ଟଙ୍କା ଲେଖାଏ ପ୍ରଦାନ କରାଯାଉ ନଚେତ ରେଲୱେ ସାଇଡିଂ ବନ୍ଦ ହେଉ ବୋଲି କର୍ମଚାରୀମାନେ ଦାବି କରୁଛନ୍ତି। ୪ ମାସ ତଳେ କାରଖାନା ପୁଣି ଚାଲିବ ବୋଲି ମାଲିକ ପ୍ରତିଶ୍ରୁତି ଦେଇଥିଲେ। କିନ୍ତୁ ଏହି ନିର୍ଦ୍ଧାରିତ ସମୟ ଅତିକ୍ରାନ୍ତ ହୋଇ ସାରିଥିଲେ ହେଁ କାରଖାନା ପୁନଃ କାର୍ଯ୍ୟକ୍ଷମ କରିବାକୁ କୌଣସି ପଦକ୍ଷେପ ଗ୍ରହଣ କରାଯାଉ ନାହିଁ। ତେଣୁ ସୋମବାର ୟୁନିୟନର ବୈଠକରେ ଏନେଇ ଆଲୋଚନା କରାଯିବ। ଏହାସହ ସୁକିନ୍ଦା ବିଧାୟକ ତଥା ସମବାୟ, ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ମନ୍ତ୍ରୀ ପ୍ରଦୀପ ବଳସାମନ୍ତଙ୍କୁ ସାକ୍ଷାତ କରାଯାଇ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ଅନୁରୋଧ କରାଯିବ। ସମସ୍ୟାର ସମାଧାନ ନ ହେଲେ ପୁଣି ଭୁବନେଶ୍ୱରରେ ଆନ୍ଦୋଳନ ହେବ ବୋଲି ୟୁନିୟନ ପକ୍ଷରୁ ଚେତାବନୀ ଦିଆଯାଇଛି। ସୂଚନାଯୋଗ୍ୟ, ଶାହା କମିଶନଙ୍କ ରିପୋର୍ଟ ଆଧାରରେ ମେସ୍କୋ ଷ୍ଟିଲ ଖଣି ଚୋରି କରିଥିବା ଅଭିଯୋଗରେ ସୁପ୍ରିମକୋର୍ଟ ୯୦୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ଜରିମାନା ଦେବାକୁ ନିର୍ଦ୍ଦେଶ ଦେଇଥିଲେ। ଉକ୍ତ ଜରିମାନା ଅର୍ଥ ପ୍ରଦାନ କରାଯାଇ ନ ଥିବାରୁ ମେସ୍କୋ ଷ୍ଟିଲର ୨ ଖଣିକୁ ଉତ୍ତୋଳନ ଅନୁମତି ମିଳି ନ ଥିଲା।



ଅଣଅବସର ଅବସରରେ କେନ୍ଦ୍ରାପଡ଼ା ସହର ଇଚ୍ଛାପୁରସ୍ଥ ଶ୍ରୀ ବଳଦେବଜୀଉ ମନ୍ଦିରରେ ରବିବାର ପୂଜା ପାଉଥିବା ପଟି ଦିଅଁ।

# ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ୬ ଗୋରୁ ମୃତ

## କ୍ଷତିପୂରଣ ଦେବାକୁ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ

ପଟ୍ଟାମୁଣ୍ଡାଇ,୨୩।୬ (କଳ୍ପତରୁ ନାୟକ)

କେନ୍ଦ୍ରାପଡ଼ା ପଟ୍ଟାମୁଣ୍ଡାଇ ତହସିଲ ତୁଳସୀଡ଼ିଆ ଗାଁରେ ରବିବାର ସକାଳେ ବିଦ୍ୟୁତ ତାର ସଂସ୍ପର୍ଶରେ ଆଶି ୬ଟ ଗାଇ, ବଳଦ ଓ ବାଛୁରୀଙ୍କ ମୃତ୍ୟୁ ହୋଇଛି। ମୃତ୍ୟୁ ହୋଇଥିବା ଗୋ ସମ୍ପଦ ମାଲିକଙ୍କୁ କ୍ଷତିପୂରଣ ସହାୟତା ଦେବାକୁ ମୁଖ୍ୟମନ୍ତ୍ରୀ କେନ୍ଦ୍ରାପଡ଼ା ଜିଲାପାଳଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ସୂଚନା ଅନୁଯାୟୀ, ତରଡିପାଳ ପଞ୍ଚାୟତ ତୁଳସିଡିଆ ଗ୍ରାମର ଗୋରୁମାନେ ବିଲକୁ ଚରିବାକୁ ଯାଇଥିବାବେଳେ ବିଦ୍ୟୁତ ତାର ତଳେ ପଡି ରହିଥିଲା। ତାର ସଂସ୍ପର୍ଶରେ ଆସି ଗୋରୁମାନଙ୍କର ମୃତ୍ୟୁ ହୋଇଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ମୃତ୍ୟୁ ହୋଇଥିବା ଗୋରୁଗୁଡ଼ିକ ମଧ୍ୟରେ ତୁଳସିଡିଆ ଗାଁର ବାଇଧର ତରେଇଙ୍କର ଗୋଟିଏ ଗାଇ, ବାସନ୍ତି ସେଠୀଙ୍କର ଗୋଟାଏ ଗାଇ, ଭଗବାନ ସେଠୀଙ୍କର ଗୋଟିଏ ଗାଇ, ଚୈତନ ମାଝିଙ୍କ ଗୋଟିଏ ବଳଦ, ଦୀଲିପ ସେଠୀଙ୍କର ଗୋଟିଏ ଗାଇ, ଦାମୋଦର ସେଠୀଙ୍କର ଗୋଟିଏ ବାଛୁରି ଥିବା ଜଣାପଡ଼ିଛି। ବିଦ୍ୟୁତ୍ ବିଭାଗର ଦାୟିତ୍ୱ ହୀନତା ପାଇଁ ଏଭଳି ଦୁଃଖଦ ଘଟଣା ଘଟିବା ଖବର ପ୍ରସାରଣ ପରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗୋସମ୍ପଦର ମାଲିକମାନଙ୍କୁ କ୍ଷତିପୂରଣ ସହାୟତା ଦେବାକୁ କେନ୍ଦ୍ରାପଡ଼ା ଜିଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଜିଲାପାଳ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ ଅନୁଯାୟୀ ଟିପିସିଓଡିଏଲକୁ ସହାୟତା ଦେବାକୁ ଆଦେଶ ଦେଇଛନ୍ତି। ଓଇଆରସିର ନିୟମ ଅନୁଯାୟୀ, ଏହି ମାମଲାରେ ମାଲିକମାନଙ୍କୁ କ୍ଷତିପୂରଣ ମିଳିବା ଆବଶ୍ୟକ। ଏହି ନିୟମ ଅନୁଯାୟୀ, ଗାଇ ମାଲିକଙ୍କୁ ୩୦ ହଜାର, ବଳଦ ମାଲିକଙ୍କୁ ୨୫ ହଜାର ଓ ବାଛୁରୀ ମାଲିକଙ୍କୁ ୧୬ ହଜାର ଟଙ୍କା ସହାୟତା ମିଳିବ। ଫଳରେ ୬ଟି ପ୍ରାଣୀଙ୍କ ୬ ଜଣ ମାଲିକ ସମୁଦାୟ ୧,୪୭,୦୦୦ ଟଙ୍କା ସହାୟତା ମିଳିବ। ମୁଖ୍ୟମନ୍ତ୍ରୀଙ୍କ ଏପରି ତ୍ୱରିତ ପଦକ୍ଷେପ ପାଇଁ ତରଡିପାଳ ସରପଞ୍ଚ ଦେବବ୍ରତ ନାୟକ,ସମିତି ସଭ୍ୟ ନିରଞ୍ଜନ ବାରିକ, ସମାଜିକ କର୍ମୀ ଭାଗୀରଥି ବିଶ୍ୱାଳ, ନରେନ୍ଦ୍ର ଧଳ କୃତଜ୍ଞତା ଜ୍ଞାପନ କରିଛନ୍ତି।



ବିଦ୍ୟୁତ୍ ଆଘାତରେ ମରିପଡ଼ିଥିବା ଗୋରୁ।

# ଶିଶୁ ଶ୍ରମିକ ଉଦ୍ଧାର ବେଳେ କର୍ମଚାରୀଙ୍କୁ ମାଡ଼

**ରେଷ୍ଟୁରାଣ୍ଟରେ ଚାଇଲ୍ଡ ହେଲ୍ପ ଲାଇନର ଚଢ଼ାଉ**

- ଥାନାରେ ମାମଲା, ମାଲିକ ଅଟକ

ଯାଜପୁର ଟାଉନ,୨୩।୬ (ପ୍ରଯଲ୍ଲା ପ୍ରିୟଦର୍ଶିନୀ ମହାନ୍ତି):

ଯାଜପୁର ସହରର ବିଭିନ୍ନ ହୋଟେଲ ଓ ରେଷ୍ଟୁରାଣ୍ଟରେ ବହୁ ସଂଖ୍ୟାରେ ଶିଶୁ ଶ୍ରମିକ କାର୍ଯ୍ୟ କରୁଛନ୍ତି। ରବିବାର ଖବର ପାଇ ଚାଇଲ୍ଡ ହେଲ୍ପ ଲାଇନର ସଦସ୍ୟ ଏକ ହୋଟେଲ ଆଣ୍ଡ ରେଷ୍ଟୁରାଣ୍ଟରେ ଚଢ଼ାଉ କରିଛନ୍ତି। ଏହି ସମୟରେ ହୋଟେଲ ମାଲିକ କର୍ମଚାରୀଙ୍କୁ ମାଡ଼ ମାରିଛନ୍ତି। ଏନେଇ ଉଦ୍ଧାରକାରୀ ଟିମ୍ ଆହତ ହେବା ସହ ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ରେଷ୍ଟୁରାଣ୍ଟ ମାଲିକଙ୍କୁ ଅଟକ ରଖି ତଦନ୍ତ ଚଳାଇଛି।



ଥାନାକୁ ଅଭିଯୋଗ କରିବାକୁ ଆସିଥିବା ଚାଇଲ୍ଡଲାଇନର କର୍ମଚାରୀମାନେ।

ଅଭିଯୋଗ ମୁତାବକ, ଯାଜପୁରଟାଉନ ଥାନା ଲଳିତେଶ୍ୱର ନଗରଠାରେ ରହିଥିବା ସମ୍ପୃକ୍ତ ରେଷ୍ଟୁରାଣ୍ଟରେ ଶିଶୁ ଶ୍ରମିକ କାମ କରୁଥିବା ରବିବାର ମଧ୍ୟାହ୍ନରେ ଅଭିଯୋଗ ଆସିଥିଲା। ଫଳରେ ଚାଇଲ୍ଡ ହେଲ୍ପ ଲାଇନର ମୁଖ୍ୟ ବରେନ୍ଦ୍ର ଦାଶଙ୍କ ନିର୍ଦ୍ଦେଶକ୍ରମେ ସାଇପ୍ରଭା ପଣ୍ଡା, ଲୋପାମୁଦ୍ରା ପଣ୍ଡା ଓ ବିନ୍ଦୁ ସାଗର ସାହୁ ସେଠାରେ ପହଞ୍ଚିଥିଲେ। ଏହାପରେ ସଖୀ ୱାନ ଷ୍ଟପ ପକ୍ଷରୁ ୱାନ୍ ଷ୍ଟପ ସେଣ୍ଟର ପରିଚାଳିକା ନିବେଦିତା ଶରଣ ପହଞ୍ଚିଥିଲେ। ଉକ୍ତ କର୍ମଚାରୀମାନେ ଶିଶୁ ଶ୍ରମିକଙ୍କ ଗତିବିଧି ଜାଣିବା ପାଇଁ ରେଷ୍ଟୁରାଣ୍ଟରେ ଖାଦ୍ୟ ଖାଇବା ସହ ଜଣେ ନାବାଳିକା ଶିଶୁ ଶ୍ରମିକ କାର୍ଯ୍ୟକୁ ତଦାରଖ କରିଥିଲେ। ନାବାଳିକା ଶିଶୁ ଶ୍ରମିକ ଜଣକ ସେଠାରେ ପ୍ଲେଟ ଉଠାଇବା ସହ ଖାଇବାକୁ ଦେଉଥିବା ଦେଖିବାକୁ ପାଇଥିଲେ। ପରେ ଉକ୍ତ କର୍ମଚାରୀମାନେ ଯାଜପୁର ରୋଡ ଅଞ୍ଚଳର ସମ୍ପୃକ୍ତ ନାବାଳିକା ଶିଶୁ ଶ୍ରମିକଙ୍କୁ ନିଜ ସାଙ୍ଗରେ ନେବାକୁ ଉଦ୍ୟମ କରିଥିଲେ। ଏହାଦେଖି ହୋଟେଲର ମୁଖ୍ୟ ପରିଚାଳିକା ଏବଂ ତାଙ୍କ ସହଯୋଗୀମାନେ ଏହାକୁ ବିରୋଧ କରି କର୍ମଚାରୀମାନଙ୍କୁ ଅସଭ୍ୟ ଭାଷାରେ ଗାଳିଗୁଲଜ କରିବା ସହ ମାଡ଼ ମାରିଥିଲେ। ସେମାନଙ୍କ ମୋବାଇଲକୁ ଓ ନାବାଳିକା ଶିଶୁ ଶ୍ରମିକକୁ ମଧ୍ୟ କର୍ମଚାରୀମାନଙ୍କଠାରୁ ଛଡାଇ ନେଇ ପଳାଇଥିଲେ। ପରେ କର୍ମଚାରୀମାନେ ପୋଲିସ ହେଲ୍ପ ଲାଇନକୁ ଯୋଗାଯୋଗ କରିବାରୁ ପୋଲିସ ପହଞ୍ଚି ରେଷ୍ଟୁରାଣ୍ଟ ମାଲିକଙ୍କୁ ଥାନାକୁ ଆଣି ଅଟକ ରଖିଛି। ଆହତ କର୍ମଚାରୀ ଯାଜପୁର ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହେବା ପରେ ଟାଉନ ଥାନାରେ ପୃଥକ ଭାବେ ୨ଟି ଲିଖିତ ଅଭିଯୋଗ କରିଛନ୍ତି। ରେଷ୍ଟୁରାଣ୍ଟ ମାଲିକ ସରକାରୀ କର୍ମଚାରୀଙ୍କୁ ମାଡ ମାରିବା, ଅସଭ୍ୟ ଭାଷାରେ ଗାଳିଗୁଲଜ କରିବା ସହ ଶିଶୁ ଶ୍ରମିକ ଆଇନକୁ ଖୋଲା ଉଲଘଂନ ଏବଂ ପ୍ରମାଣ ନଷ୍ଟ ଉଦ୍ୟମ କରିଥିବା ଅଭିଯୋଗକୁ ଭିତ୍ତକରି ପୋଲିସ ତଦନ୍ତ ଆରମ୍ଭ କରିଛି। ଏହି ଚଢ଼ାଉ ପରେ ସହରରେ ଶିଶୁ ଶ୍ରମିକ ରଖିଥିବା ଅନ୍ୟ ରେଷ୍ଟୁରାଣ୍ଟ ଓ ହୋଟେଲ ମାଲିକ ଭୟଭୀତ ହୋଇପଡିଛନ୍ତି।



ଯାଜପୁର ଜିଲା ଧର୍ମଶାଳା ଥାନା ଅନ୍ତର୍ଗତ ବଡ଼କାଏମା ପଞ୍ଚାୟତ ସ୍କୁଲ ପାଖ କେନାଲ ପୋଲ ନିକଟରେ ରବିବାର ଅପରାହ୍ନରେ ଏକ ଟ୍ରକ୍ ଭାରସାମ୍ୟ ହରାଇ ବିଦ୍ୟୁତ୍ ଖୁଣ୍ଟରେ ପିଟି ହୋଇଯାଇଛି। (ଫଟୋ: ଶିବପ୍ରସାଦ ମହାନ୍ତି)

ସେଲ୍ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

metroselfie@gmail.com



@ ଆକାଶ



@ ଧୀରଜ



@ ଶିବା



@ ସୌଭାଗ୍ୟ



@ ସୌମ୍ୟରଞ୍ଜନ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# କୃଷି ସମବାୟ ସମିତିରେ ବିହନ ନାହିଁ

- ସରକାରୀ ସବ୍‌ସିଡିରୁ ଚାଷୀ ହେବେ ବଞ୍ଚିତ
- ୨ ହଜାର ଜାଗାରେ ୮୦ କୁଇଣ୍ଟାଲ ମିଳିଛି
- ବାହାର କମ୍ପାନୀ ବିହନକୁ ଚାଷୀଙ୍କ ଭରସା

ପଟ୍ଟାମୁଣ୍ଡାଇ, ୨୩।୬(କଳ୍ପତରୁ ନାୟକ)

କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ଅଞ୍ଚଳର ଅଧାରୁ ଅଧିକ ଚାଷୀ ବାହାର ରାଜ୍ୟର ଧାନ ବିହନ ଉପରେ ନିର୍ଭର କରୁଛନ୍ତି। ପ୍ରତିବର୍ଷ ବିହନ ନିଗମ ପକ୍ଷରୁ ଯେତିକି ଧାନ ବିହନ ଯୋଗାଯାଉଛି ତାହା ଆବଶ୍ୟକତାର ଅଧା। ଓଡ଼ିଶାର ଧାନ ବିହନରେ ଶତ ପ୍ରତିଶତ ଶୁଦ୍ଧତା ରହୁ ନ ଥିବା ଅନେକ ଚାଷୀ ଅଭିଯୋଗ କରୁଛନ୍ତି। ଅନ୍ୟପକ୍ଷେ ଚାଷୀ ବିହନ ପାଇବା ନିମନ୍ତେ ନାମ ପଞ୍ଜୀକୃତ କରିଥିଲେ ମଧ୍ୟ ସମବାୟ ସମିତିରେ ବିହନ ମିଳୁନାହିଁ। ଫଳରେ ଚାଷୀ ବାହାର ରାଜ୍ୟର ଘରୋଇ ବିହନ କିଣୁଥିବାରୁ ସବ୍‌ସିଡି ପାଇବାରୁ ବଞ୍ଚିତ ହେଉଛନ୍ତି। ବାହାର ବିହନରେ ଚାଷ କଲେ କ୍ଷତି ହେଲେ କ୍ଷତିପୂରଣ ପାଇବେ କି ନା ତାହା ଏବେ ପ୍ରଶ୍ନବାଚୀ ସୃଷ୍ଟି କରିଛି।



ପଟ୍ଟାମୁଣ୍ଡାଇରେ ଜଣେ ଚାଷୀ ଦୋକାନରୁ ବାହାର ଧାନ ବିହନ କିଣି ନେଉଛନ୍ତି।

କୃଷକ ନେତା ଦାଶରଥି ସାହୁ କହିଛନ୍ତି, ଚଳିତ ଖରିଫ ଋତୁରେ ପଟ୍ଟାମୁଣ୍ଡାଇ ଅଞ୍ଚଳରେ ମୋଟ ୧୦,୪୦୦ ହେକ୍ଟର ଜମିରେ ଧାନଚାଷ ହେବ ବୋଲି କୃଷି ବିଭାଗରୁ ଜଣାପଡ଼ିଛି। ମୌସୁମୀ ପ୍ରଭାବରେ ବର୍ଷା ହେଲାଣି। ଚାଷୀମାନେ ତଳି ପକାଇବା ସହ ଧାନ ବୁଣି ଚାଷ କାର୍ଯ୍ୟ ଆରମ୍ଭ କରିବେ। ସେହିକ୍ରମରେ ଚାଷୀଙ୍କୁ ସବ୍‌ସିଡିରେ ଧାନ ବିହନ ଯୋଗାଇବା ପାଇଁ ଓଡ଼ିଶା ସରକାରଙ୍କ ପକ୍ଷରୁ ସମବାୟ ସମିତି ଓ ଡିଲର ବ୍ୟବସ୍ଥା ହୋଇଛି। ପଟ୍ଟାମୁଣ୍ଡାଇ ଅଞ୍ଚଳରେ କେତେଜଣ ଚାଷୀ ନାମ ପଞ୍ଜୀକୃତ କରିଥିବା ବେଳେ ଅନେକ ଚାଷୀ ପଞ୍ଜୀକରଣ କରିନାହାନ୍ତି। ଚଳିତବର୍ଷ ରାଜ୍ୟ ବିହନ ନିଗମ ଲିମିଟେଡ୍ ପକ୍ଷରୁ କେନ୍ଦ୍ରାପଡ଼ା ଜିଲାର ଚାଷୀଙ୍କ ପାଇଁ ୧୫ ହଜାର କୁଇଣ୍ଟାଲ ବିହନ ଯୋଗାଇବାକୁ ଯୋଜନା ହୋଇଛି। ସେଥିମଧ୍ୟରୁ ପଟ୍ଟାମୁଣ୍ଡାଇ ବ୍ଲକ ଓ ମ୍ୟୁନିସିପାଲିଟି ଅଞ୍ଚଳକୁ ପ୍ରାୟ ୨ ହଜାର କୁଇଣ୍ଟାଲ ବିହନ ଯୋଗାଇବା କଥା। ହେଲେ ପ୍ରାଥମିକ ପର୍ଯ୍ୟାୟରେ ମାତ୍ର ୮୦ କୁଇଣ୍ଟାଲ ବିହନ ଘରୋଇ ବିକ୍ରୟ କେନ୍ଦ୍ରରେ ବିକ୍ରି ହେଉଛି। ୧୬ଟି ସମବାୟ ସମିତି ଏ ପର୍ଯ୍ୟନ୍ତ ବିହନ ଉଠାଇନାହାନ୍ତି। ପଞ୍ଜୀକୃତ ଚାଷୀମାନେ ସରକାରୀ ସ୍ୱୀକୃତି ବିକ୍ରୟ କେନ୍ଦ୍ରରୁ ବିହନ କିଣିଲେ ସେମାନଙ୍କ ବ୍ୟାଙ୍କ ଆକାଉଣ୍ଟକୁ ସବ୍‌ସିଡି ଆସିବ ବୋଲି କୃଷି ବିଭାଗରୁ ସୂଚନା ଅଛି। ମାତ୍ର ଚାଷୀଙ୍କ ଆବଶ୍ୟକ ମୁତାବକ ସମବାୟ ସମିତି କି ଡିଲରଙ୍କ ପାଖରେ ବିହନ ଗଚ୍ଛିତ ରହୁ ନ ଥିବାରୁ ଚାଷୀ ବାଧ୍ୟ ହୋଇ ବାହାର ରାଜ୍ୟର ବିଭିନ୍ନ କମ୍ପାନୀର ଧାନ ବିହନ ଉପରେ ନିର୍ଭର କରୁଛନ୍ତି। ସେହିପରି ବିଜୟ ଦାସ କହିଛନ୍ତି, ଉନ୍ନତମାନର ଚାଷ ପ୍ରଣାଳୀ ନିମନ୍ତେ ସରକାର ଚାଷୀଙ୍କ ପାଇଁ ବିଭିନ୍ନ ସଚେତନତା କାର୍ଯ୍ୟକ୍ରମ କରୁଥିବାବେଳେ ପଟ୍ଟାମୁଣ୍ଡାଇରେ ତାହାର ବ୍ୟତିକ୍ରମ ହେଉଛି। ସରକାରଙ୍କ ପକ୍ଷରୁ ଆସୁଥିବା ବିଭିନ୍ନ ଯୋଜନା ସମ୍ପର୍କରେ ଏଠାକାର ଚାଷୀଙ୍କୁ ଅବଗତ କରାଯାଉନି ବୋଲି ଅଭିଯୋଗ ହେଉଛି। ଚାଷୀ ନରେଶ ଜେନା କହିଛନ୍ତି, ଚାଷୀଙ୍କୁ ସ୍ୱର୍ଣ୍ଣ ସବ୍-୧, ପୂଜା, ଏମ୍‌ଟିୟୁ-୧୦୭୫, ଏମ୍‌ଟିୟୁ-୧୦୬୪, ଏମ୍‌ଟିୟୁ-୨୫୩୭, ଏମ୍‌ଟିୟୁ-୧୦୬୭, ଏମ୍‌ଟିୟୁ-୭୦୨୯, ଆରଜିଏଲ-୨୫୩୭, କନକ୍ ପ୍ଲସ୍ ଭଳି ବିଭିନ୍ନ କିସମର ବିହନ ଆବଶ୍ୟକ। ତେବେ ଓଡ଼ିଶା ସରକାରଙ୍କ ପକ୍ଷରୁ ବିହନ ଯୋଗାଯାଉଥିଲେ ମଧ୍ୟ ସେହି ବିହନରେ ଶତ ପ୍ରତିଶତ ଶୁଦ୍ଧତା ରହୁନାହିଁ। ତେଣୁ ରାଜ୍ୟ ସରକାର ଶତପ୍ରତିଶତ ଶୁଦ୍ଧତା ଥିବା ବିହନ ଯୋଗାଇବାକୁ ଚାଷୀମାନେ ଦାବି କରିଛନ୍ତି। ଏ ସମ୍ପର୍କରେ ପଟ୍ଟାମୁଣ୍ଡାଇ ଅତିରିକ୍ତ କୃଷି ଅଧିକାରୀ ଶରତ ନାୟକଙ୍କୁ ପଚାରିବାରେ ପଟ୍ଟାମୁଣ୍ଡାଇର ଅଧିକାଂଶ ଚାଷୀ ସରକାରୀ ବିହନ ବ୍ୟବହାର କରୁଛନ୍ତି। କେତେଜଣ ଚାଷୀ ନିଜ ଦ୍ୱାରା ସଂରକ୍ଷିତ ବିହନ ବ୍ୟବହାର କରୁଛନ୍ତି। ସମବାୟ ସମିତି କାହିଁକି ବିହନ ଉଠାଉନାହାନ୍ତି ଜାଣିବାକୁ ଏଆରସିଏସ୍ ସନ୍ତୋଷ କୁମାର ଦାଶଙ୍କୁ ପଚାରିବାରୁ ୫ ଦିନ ପୂର୍ବରୁ ସେମାନଙ୍କର ଏକ ବୈଠକ ହୋଇଥିଲା ସେଥିରେ ସାର, ବିହନ ଉଠାଇ ଚାଷୀଙ୍କୁ ସବ୍‌ସିଡିରେ ଦେବାକୁ କୁହାଯାଇଛି ବୋଲି ସେ କହିଛନ୍ତି।

# କୋଚିଂ, ଟ୍ୟୁଶନ କଟକଣା ଫୁଁ

- କଲେଜରେ ଟ୍ୟୁଟୋରିଆଲ, ପ୍ରାକ୍ଟିକାଲ କ୍ଲାସ୍ କରାଯାଉନି
- ଅଧ୍ୟାପକଙ୍କ ପ୍ରୋଗ୍ରେସ ରିପୋର୍ଟକୁ ତର୍ଜମା କରୁ ନାହାନ୍ତି ଅଧ୍ୟକ୍ଷ

ନୟାଗଡ଼,୨୩।୬(ଲୋକନାଥ ମିଶ୍ର)

କୋଚିଂ ଓ ଟ୍ୟୁଶନ ଉପରେ ସରକାରୀ କଟକଣା ରହିଛି। ପ୍ରାଇଭେଟ କୋଚିଂ ଅଧ୍ୟାପକଙ୍କ ପାଇଁ ମନା। ପ୍ରତିବର୍ଷ ଅଗଷ୍ଟରେ ଅଧ୍ୟାପକମାନେ ଅଧ୍ୟକ୍ଷଙ୍କୁ ଏକ ଅଣ୍ଡରଟେକିଂ ଦିଅନ୍ତି। ମୁଁ ପ୍ରାଇଭେଟ କୋଚିଂ କରୁନାହିଁ। ମୋ ବିରୋଧରେ ପ୍ରମାଣ ମିଳିଲେ କାର୍ଯ୍ୟାନୁଷ୍ଠାନ ନିଆଯିବ। ହେଲେ ପ୍ରାଇଭେଟ କୋଚିଂ ଓ ଟ୍ୟୁଶନ ପାଇଁ ରହିଥିବା କଟକଣାକୁ ଫୁଁ କରି ସରକାରୀ ଅଧ୍ୟାପକମାନେ କୋଚିଂ ସେଣ୍ଟର, ଟ୍ୟୁଶନ, ବ୍ୟକ୍ତିଗତ ଟ୍ୟୁଶନ, ଆବାସିକ କଲେଜରେ ସମୟ ଦେଇ ଘଣ୍ଟାକୁ ୫ରୁ ୧୦ ହଜାର ଟଙ୍କା ରୋଜଗାର କରୁଛନ୍ତି। ସେପଟେ ମୋଟା ଅଙ୍କର ଦରମା ପାଉଥିଲେ ହେଁ କଲେଜରେ ପାଠ ପଢ଼ାଇବାକୁ ଭୁଲି ଯାଉଛନ୍ତି। ସେହିପରି ଛାତ୍ରୀଛାତ୍ର ବୁଝି ନ ପାରିଲେ କଲେଜରେ ଟିଉଟୋରିଆଲ ଓ ପ୍ରାକ୍ଟିକାଲ କ୍ଲାସ ବ୍ୟବସ୍ଥା ଅଛି। ଏକଷ୍ଟ୍ରା କ୍ଲାସ କରିବାର ମଧ୍ୟ ବ୍ୟବସ୍ଥା କରାଯାଇ ପାରିବ। ହେଲେ ଏହାକୁ କାର୍ଯ୍ୟକାରୀ କରାଯାଉନି। ସେହିପରି ଅଧ୍ୟାପକଙ୍କ ପୋଗ୍ରେସ ରିପୋର୍ଟକୁ ଅଧ୍ୟକ୍ଷ ତର୍ଜମା କରୁ ନାହାନ୍ତି। କୋର୍ସ କେତେ ବାକି ରହିଲା, କେବେ ଶେଷ ହେବ, କାହିଁକି ଶେଷ ହେଉ ନାହିଁ, ଛାତ୍ରୀଛାତ୍ର କିପରି ଭଲ ପଢ଼ିବେ ସେନେଇ ମଧ୍ୟ ପଦକ୍ଷେପ ନାହିଁ। ଏଣୁ ନୟାଗଡ଼ ଜିଲାର କଲେଜଗୁଡ଼ିକରେ ଆଉ ପାଠପଢ଼ା ହେଉ ନ ଥିଲେ ହେଁ କେହି ପ୍ରଶ୍ନ କରୁ ନାହାନ୍ତି। ଅଧ୍ୟାପକଙ୍କ ପାଖରେ କୋଚିଂ ନେଲେ ପ୍ରାକ୍ଟିକାଲ, ଥିଓରୀରେ ଭଲ ନମ୍ବର ମିଳୁଛି। ଭଲ ନମ୍ବର ଓ ଚାପର ବଶବର୍ତ୍ତୀ ହୋଇ କେତେଜଣ ଅଭିଭାବକ ନିଜର ପିଲାଙ୍କୁ ଅଧ୍ୟାପକଙ୍କ ପାଖକୁ ଛାଡ଼ିବାକୁ ବାଧ୍ୟ ହେଉଛନ୍ତି। ଅନ୍ୟପକ୍ଷେ ଛାତ୍ରୀଛାତ୍ର ନିଜ କଲେଜର ଅଧ୍ୟାପକଙ୍କ ପାଖରେ ଟ୍ୟୁଶନ ନ କଲେ ପ୍ରାକ୍ଟିକାଲ ଓ ଥିଓରୀରେ ନମ୍ବର କାଟିଦେବା ଓ ଫେଲ୍ ହେବାର ଧମକ ମିଳୁଛି। ହେଲେ ଅଭିଯୋଗର ସ୍ୱର ନରମି ଯାଉଛି। ଏଭଳିସ୍ଥଳେ କଲେଜର ଅଧ୍ୟକ୍ଷଙ୍କ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ମଧ୍ୟ ନାହିଁ ବୋଲି ଅଭିଯୋଗ ହୋଇଛି ।

ଏ ନେଇ ଅବସରପ୍ରାପ୍ତ ଅଧ୍ୟାପିକା ପ୍ରୀୟମ୍ବଦା ଦାଶ କୁହନ୍ତି, ପ୍ରାଇଭେଟ କୋଚିଂ ହେବା ପରେ କଲେଜରେ ଛାତ୍ରୀଛାତ୍ରଙ୍କ ଉପସ୍ଥାନ କମ ରହୁଛି। କଲେଜରେ ଶିକ୍ଷା ପ୍ରତି ଛାତ୍ରୀଛାତ୍ରଙ୍କ ଆଗ୍ରହ ରହୁ ନାହିଁ। ନିଜେ ପଢ଼ିବା ଓ ଜ୍ଞାନ ଆହରଣ କରିବାର ପ୍ରବୃତ୍ତି କମି ଯାଉଛି। ଛାତ୍ରୀଛାତ୍ର ବହି ପଢୁ ନାହାନ୍ତି। କେବଳ ପରୀକ୍ଷା ଉପଯୋଗୀ କ୍ଷୁଦ୍ର ପ୍ରଶ୍ନ ଉତ୍ତର କରୁଛନ୍ତି। କଲେଜର ଅଧ୍ୟକ୍ଷମାନେ ଅଧ୍ୟାପକଙ୍କ କାର୍ଯ୍ୟ ଉପରେ ଦୃଷ୍ଟି ନ ଦେବାରୁ କୋଚିଂ ସେଣ୍ଟର ବଢ଼ି ଚାଲିଛି। ଗରିବରୁ ଅତି ଗରିବ ଛାତ୍ରୀଛାତ୍ର କୋଚଂ ସେଣ୍ଟରରେ ପଢ଼ିବାକୁ ବାଧ୍ୟ ହେଉଛନ୍ତି। କଲେଜରେ ପାଠପଢ଼ାର ମାନ କମି ଯାଉଛି। ତଥାପି ଏହା ସମାଜରେ ସମୟ ଉପଯୋଗୀ ବୋଲି ସାମାଜିକ ମତାମତ ଅଛି। ବୋଲଗଡ଼ କଲେଜର ଅବସରପ୍ରାପ୍ତ ପ୍ରାଧ୍ୟାପକ କୈଳାଶ ବାଣ୍ଡ କୁହନ୍ତି, କୌଣସି ଅଧ୍ୟାପକ ପାଇଭେଟ କୋଚିଂ ସେଣ୍ଟରରେ ପାଠ ପଢ଼ାଇ ପାରିବେ ନାହିଁ। ଏହା ପ୍ରମାଣିତ ହେଲେ ଅଧ୍ୟାପକଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ସୁପାରିଶ ହୋଇପାରିବ। ତେବେ କଲେଜର ଅଧ୍ୟକ୍ଷ ଓ ପ୍ରଭାବଶାଳୀ ବ୍ୟକ୍ତିଙ୍କୁ ହାତ କରି ଅଧ୍ୟାପକମାନେ ଆଇନକୁ ଶୀତଳଭଣ୍ଡାରକୁ ଫୋପାଡ଼ି ବେଆଇନ ଭାବେ ଟ୍ୟୁଶନ କରି ଚାଲିଛନ୍ତି। ନିଜେ ଅଧ୍ୟାପକ ଟ୍ୟୁଶନ, କୋଚିଂ ସେଣ୍ଟର ମାଲିକ ହୋଇ ପାଠ ପଢ଼ାଉଛନ୍ତି। ଏଣୁ ମାନସିକତାରେ ପରିବର୍ତ୍ତନ ନ ଆସିଲେ ସୁଧାର ଆସିବନି। ସରକାର କରିଥିବା ନିୟମକୁ କଡ଼ାକଡ଼ି ପାଳନ କରିବା ଦରକାର ବୋଲି କହିଛନ୍ତି।

## ଟ୍ୟୁଶନ ନ କଲେ କଟୁଛି ନମ୍ବର

ଅଭିଭାବକ ବଳଭଦ୍ର ମହାନ୍ତି କୁହନ୍ତି, ନୟାଗଡ଼ ସ୍ୱୟଂ ଶାସିତ ମହାବିଦ୍ୟାଳୟରେ ଅଧ୍ୟାପକଙ୍କ ପାଖରେ ଟ୍ୟୁଶନ ନ କଲେ ପ୍ରାକ୍ଟିକାଲ ଓ ଇଣ୍ଟରନାଲରେ ନମ୍ବର କାଟି ଦିଆଯାଉଛି। ଟ୍ୟୁଶନ କଲେ ପ୍ରାକ୍ଟିକାଲ ଓ ଇଣ୍ଟରନାଲରେ ଭଲ ନମ୍ବର ମିଳୁଛି। ଏପରି ନମ୍ବର କାଟ ନେଇ ମୁଁ ଅଭିଯୋଗ କରିବା ପରେ ସନ୍ତୋଷଜନକ ଉତ୍ତର ପାଇନାହିଁ। ଅଧ୍ୟାପକଙ୍କ ଏଭଳି ଚିନ୍ତାଧାରା ଅନେକ ଭଲ ପିଲାଙ୍କ କ୍ୟାରିୟର ଉପରେ ଖରାପ ପ୍ରଭାବ ପକାଉଛି, ଯାହାକି ତଦନ୍ତସାପେକ୍ଷ । ନୟାଗଡ଼ ସ୍ୱୟଂଶାସିତ ମହାବିଦ୍ୟାଳୟର ଅଧ୍ୟକ୍ଷ ବିପିନ ପଟ୍ଟନାୟକ କୁହନ୍ତି, ଟ୍ୟୁଶନ ନ କଲେ ଅଧ୍ୟାପକମାନେ ପ୍ରାକ୍ଟିକାଲ ଓ ଇଣ୍ଟରନାଲରେ ନମ୍ବର କାଟିବା ଓ ଟ୍ୟୁଶନ କଲେ ଭଲ ନମ୍ବର ମିଳୁଥିବା ଅଭିଯୋଗ ମିଳିନି। ଅଭିଯୋଗ ମିଳିଲେ ତଦନ୍ତ କରାଯିବ ବୋଲି କହିଛନ୍ତି।

# ଅଣସର ଘରେ ଶ୍ରୀଜୀଉ, ପୂଜା ପାଇଲେ ପଟିଦିଅଁ

ଖଣ୍ଡପଡ଼ା,୨୩।୬
(ଅଜୟ କୁମାର ମହାରଣା)

ପବିତ୍ର ଦେବସ୍ନାନ ପୂର୍ଣ୍ଣମୀ ପରେ ବିଳମ୍ବିତ ରାତିରେ ବିଗ୍ରହମାନେ ଅଣସର ଘରକୁ ବିଜେ କରିଛନ୍ତି । ସମସ୍ତ ଦେବ ନୀତି ସମ୍ପନ୍ନ କରାଯାଇ ବିଗ୍ରହମାନେ ଅଣସର ଘରେ ରହିବା ପରେ ପାରମ୍ପରିକ ପ୍ରଥାନୁଯାୟୀ ମନ୍ଦିରରେ ପଟିଦିଅଁକୁ ରବିବାର ଠାରୁ ପୂଜା କରାଯାଉଛି। ସେବାସୀମାନେ ନୀତିକାନ୍ତି ଶେଷ କରି ପଟ୍ଟିଦିଅଁକୁ ପୂଜା କରିବା ପରେ ଭକ୍ତମାନେ ମନ୍ଦିରରେ ଉପସ୍ଥିତ ରହି ଦର୍ଶନ କରିଥିଲେ । ଜୁଲାଇ ୫ ତାରିଖ ପର୍ଯ୍ୟନ୍ତ ବିଗ୍ରହମାନେ ଅଣସର ଘରେ ରହିବା ପରେ ୬ ତାରିଖରେ ନେତ୍ରୋତ୍ସବ ଓ ନବଯୌବନ ଦର୍ଶନ ଅନୁଷ୍ଠିତ ହେବ ବୋଲି ମନ୍ଦିର କର୍ତ୍ତୃପକ୍ଷ ଜଣାଇଛନ୍ତି।



# ମହାନଦୀରେ ନିର୍ମାଣ କରାଯାଉଥିବା ପାହାଚ ବିପଦପୂର୍ଣ୍ଣ



ମହାନଦୀକୁ ପଡ଼ିଥିବା ପଥର ପାହାଚ।

ଖଣ୍ଡପଡ଼ା,୨୩।୬
(ଅଜୟ କୁମାର ମହାରଣା)

ପ୍ରତିବର୍ଷ ବନ୍ୟାର ପ୍ରବଳ ସ୍ରୋତରେ ମହାନଦୀ ଦକ୍ଷିଣପାର୍ଶ୍ୱ ମାଳବନ୍ଧର ସୁରକ୍ଷା ତଥା ଅତଡା ଖାଉଥିବା ନଦୀକୂଳକୁ ସୁଦୃଢ଼ କରିବା ପାଇଁ ଏବେ ଜଳସମ୍ପଦ ବିଭାଗ ପକ୍ଷରୁ ପଥର ଡମ୍ପିଂ ଓ ପ୍ୟାକିଂ କାର୍ଯ୍ୟ ଚାଲୁ ରହିଛି। ଏଥିସହିତ ମହାନଦୀର ବିଭିନ୍ନ ଘାଟରେ ପାହାଚ ନିର୍ମାଣ ଚାଲିଛି । ଏହି ପାହାଚ ନଦୀ ଘାଟର ଶେଷ ମୁଣ୍ଡ ପର୍ଯ୍ୟନ୍ତ ଲମ୍ବିଛି। ଜଣେ ବ୍ୟକ୍ତି ଶେଷ ପାହାଚ ପର୍ଯ୍ୟନ୍ତ ଯାଇ ନଦୀକୁ ହଠାତ୍ ଓହ୍ଲାଇ ପଡିଲେ ଗଭୀର ପାଣିରେ ବୁଡି ଯିବାର ସମ୍ଭାବନା ରହିଛି । କିଛିଦିନ ତଳେ ଜଣେ ମହିଳାଙ୍କ ଏପରି ମୃତ୍ୟୁ ଘଟିଥିବା ନଜିର ରହିଛି । ଏହାକୁ ଦୃଷ୍ଟିରେ ରଖି ପଥର ଡମ୍ପିଂକୁ ନଦୀର ଭିତର ପର୍ଯ୍ୟନ୍ତ ବଢ଼ାଇଲେ ଏହି ଦୁର୍ଘଟଣାରୁ ଲୋକମାନେ ରକ୍ଷା ପାଇ ପାରିବେ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି।

ସୂଚନାଯୋଗ୍ୟ, କଣ୍ଟିଲୋର

## ପଥର ପ୍ୟାକିଂ ବଢ଼ାଇବାକୁ ଦାବି

ଶ୍ରୀନୀଳମାଧବ ପୀଠର ବିକାଶ ନିମନ୍ତେ ରାଜ୍ୟ ସରକାର ୧୦୦ କୋଟି ଟଙ୍କାର ଅନୁଦାନ ରାଶି ମଞ୍ଜୁର କରିଥିଲେ । ସେହି କାମ ଏବେ ଚାଲିଛି । ଏହି ବିକାଶ ପ୍ରକଳ୍ପ ମଧ୍ୟରେ ମହାନଦୀର ଦକ୍ଷିଣ ପାର୍ଶ୍ୱ (ନୀଳମାଧବ ମହାବିଦ୍ୟାଳୟଠାରୁ ନୀଳମାଧବ ମନ୍ଦିର ପଶ୍ଚିମ ପାର୍ଶ୍ୱ ପର୍ଯ୍ୟନ୍ତ) ମାଳବନ୍ଧର ସମ୍ପ୍ରସାରଣ ସହ ନଦୀକୂଳରେ ପଥର ପ୍ୟାକିଂ ଓ ଡମ୍ପିଂ କାର୍ଯ୍ୟ ଚାଲୁ ରହିଛି। ତେବେ ପଥର ଡମ୍ପିଂ ପରେ ନଦୀକୂଳ ପଥର ପ୍ୟାକିଂ କରାଯାଉଥିବା ବେଳେ ସର୍ବସାଧାରଣଙ୍କ ସ୍ନାନ ଶୌଚାଦି ପାଇଁ ବିଭିନ୍ନ ସ୍ଥାନରେ ପାହାଚ ନିର୍ମାଣ କରାଯାଇଛି। ହେଲେ ପାହାଚର ଶେଷମୁଣ୍ଡରେ ନଦୀଗର୍ଭକୁ ଓହ୍ଲାଇ ସ୍ନାନ ଶୌଚାଦି କରିବାରେ ବିପଦର ସମ୍ଭାବନା ଅଧିକ ରହିଛି। ମାସେ ତଳେ ଜଣେ ବୃଦ୍ଧା ନୀଳମାଧବଙ୍କ ଦର୍ଶନରେ ଆସିଥିଲେ । ସ୍ନାନ ଶୌଚାଦି ନିମନ୍ତେ ନଦୀକୁ ଓହ୍ଲାଇବା ସମୟରେ ନଦୀରେ ବୁଡି ପ୍ରାଣ ହରାଇଥିଲେ । ଏପରି ସ୍ଥିତିରେ ନୀଳମାଧବ ମନ୍ଦିର ପଶ୍ଚିମ ପାର୍ଶ୍ୱ ମାଳବନ୍ଧ ନଦୀ କୂଳରେ ନିର୍ମାଣ କରାଯାଇଥିବା ପାହାଚର ଶେଷ ମୁଣ୍ଡ ଅର୍ଥାତ୍ ନଦୀରେ ଅଧିକ ପଥର ଡମ୍ପିଂ କରାଗଲେ ନଦୀକୁ ସ୍ନାନ ଶୌଚାଦି ପାଇଁ ଯାଉଥିବା ଲୋକେ ସୁବିଧାରେ ନଦୀକୁ ଓହ୍ଲାଇ ସ୍ନାନ ଶୌଚାଦି ସମ୍ପନ୍ନ କରିପାରିବେ ବୋଲି ସାଧାରଣରେ ଦାବି ହେଉଛି। ଏ ସମ୍ପର୍କରେ ବିଭାଗୀୟ ନିର୍ବାହୀ ଯନ୍ତ୍ରୀ ଇଂ. ଅମରେନ୍ଦ୍ର ମହାପାତ୍ରଙ୍କ ସହ ଯୋଗାଯୋଗ କରାଯାଇଥିଲା। ଅଞ୍ଚଳବାସୀ ତଥା ସର୍ବସାଧାରଣଙ୍କ ଦାବିକୁ ଆଖି ଆଗରେ ରଖି ବିହିତ ପଦକ୍ଷେପ ଗ୍ରହଣ କରିବେ ବୋଲି କହିଛନ୍ତି।

## ସେଲ୍ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

metroselfie@gmail.com



@ ଆକାଶ



@ ଧୀରଜ



@ ଶିବା



@ ସୌଭାଗ୍ୟ



@ ସୌମ୍ୟରଞ୍ଜନ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଜିଲା ଆରକ୍ଷୀ ଅଧୀକ୍ଷକ ଓ ଗଣମାଧ୍ୟମ ପ୍ରତିନିଧିଙ୍କ ସମନ୍ୱୟ ବୈଠକ




ସମନ୍ୱୟ ବୈଠକରେ ଏସ୍‌ପି ରାହୁଲ ଜୈନ ଖବରଦାତାମାନଙ୍କ ସହ ଆଲୋଚନା କରୁଛନ୍ତି।

ଖଣ୍ଡପଡ଼ା,୨୩।୬
(ଅଜୟ କୁମାର ମହାରଣା)

ନୟାଗଡ଼ ଜିଲା ଆରକ୍ଷୀ ଅଧୀକ୍ଷକ ଓ ଗଣମାଧ୍ୟମ ପ୍ରତିନିଧିମାନଙ୍କୁ ନେଇ ଏକ ସମନ୍ୱୟ ବୈଠକ ଖଣ୍ଡପଡ଼ା ଆଞ୍ଚଳିକ ସାମ୍ବାଦିକ ସଂଘ କାର୍ଯ୍ୟାଳୟ ପରିସରରେ ରବିବାର ଅନୁଷ୍ଠିତ ହୋଇଯାଇଛି । ଆରକ୍ଷୀ ଅଧୀକ୍ଷକ ରାହୁଲ ଜୈନ ସଂଘ କାର୍ଯ୍ୟାଳୟରେ ପହଞ୍ଚିବା ପରେ ସଂଘର ସଭାପତି ବିନାୟକ ମିଶ୍ର ଓ ସଦସ୍ୟମାନେ ତାଙ୍କୁ ପୁଷ୍ପଗୁଚ୍ଛ ପ୍ରଦାନ କରି ସ୍ୱାଗତ କରିଥିଲେ। ଆରକ୍ଷୀ ଅଧୀକ୍ଷକ ଜୈନ ନୟାଗଡ଼ ଜିଲାର ଆଇନଶୃଙ୍ଖଳା ପରିସ୍ଥିତି ସମ୍ପର୍କରେ ସମ୍ୟକ ସୂଚନା ପ୍ରଦାନ କରି ସାଂପ୍ରତିକ ପରିସ୍ଥିତିରେ ଗଣମାଧ୍ୟମ ପ୍ରତିନିଧିମାନଙ୍କ ଭୂମିକା ନେଇ ଆଲୋକପାତ କରିଥିଲେ । ସମଗ୍ର ନୟାଗଡ଼ ଜିଲାରେ ଶାନ୍ତିଶୃଙ୍ଖଳାର ସହ ସାଧାରଣ ନିର୍ବାଚନ ପରିଚାଳନାରେ ପୋଲିସ ପ୍ରଶାସନର ଭୂମିକା ସହ ସମସ୍ତ ଛାପା, ବୈଦ୍ୟୁତିକ ଓ ସାମାଜିକ ଗଣମାଧ୍ୟମ ପ୍ରତିନିଧିଙ୍କ ସହଯୋଗକୁ ଆରକ୍ଷୀ ଅଧୀକ୍ଷକ ଜୈନ ପ୍ରଶଂସା କରିଥିଲେ। ଆଗାମୀ ଦିନରେ ନୟାଗଡ଼ ଜିଲା ଅଧୀନ ବିଭିନ୍ନ ଥାନାରେ କାର୍ଯ୍ୟକାରୀ ହେବାକୁ ଥିବା ଲୋକାଭିମୁଖୀ କାର୍ଯ୍ୟକ୍ରମ ସମ୍ପର୍କରେ ଆରକ୍ଷୀ ଅଧୀକ୍ଷକ ସୂଚନା ପ୍ରଦାନ କରିଥିଲେ । ପ୍ରାରମ୍ଭରେ ସଂଘର ସମ୍ପାଦକ ଭବାନୀ ଶଙ୍କର ସିଂହସାମନ୍ତ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ । ସଂଘର ବରିଷ୍ଠ ସଭ୍ୟ ପ୍ରଭାକର ଶିରୋମଣି ଓ ଅନ୍ୟମାନେ ବିଭିନ୍ନ ପ୍ରସଙ୍ଗକୁ ନେଇ ଆରକ୍ଷୀ ଅଧୀକ୍ଷକଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ଖଣ୍ଡପଡ଼ା ଏସ୍‌ଡିପିଓ ବିମଳ କୁମାର ବାରିକ, ଏସ୍‌ଆଇ ମନସ୍ୱିତା ସାହୁଙ୍କ ସମେତ ସାମ୍ବାଦିକ ସଂଘର ୩୫ରୁ ଉର୍ଦ୍ଧ୍ୱ ସଦସ୍ୟ ଓ ଶୁଭେଚ୍ଛୁ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ପରେ ଏସ୍‌ପି ଜୈନ ନିକଟସ୍ଥ ମର୍ଦ୍ଦରାଜପୁରସ୍ଥିତ ମୁଣ୍ଡିଆ ହନୁମାନ ପୀଠକୁ ଯାଇ ମୁଣ୍ଡିଆ ହନୁମାନ, ପ୍ରଭୁ ଶ୍ରୀଜଗନ୍ନାଥ, ବନଦୁର୍ଗା ଓ ଅନ୍ୟାନ୍ୟ ଠାକୁରଙ୍କୁ ଦର୍ଶନ କରିଥିଲେ ।

# ଜବରଦଖଲରେ ମୁକ୍ତାକାଶ ବ୍ୟାୟାମଶାଳା ଡ୍ରେସିଂରୁମ୍

ଓଡ଼ଗାଁ,୨୩।୬ (ଆଦର୍ଶ କୁମାର ପଟ୍ଟନାୟକ)

ରାଜ୍ୟ ସରକାର ଗ୍ରାମାଞ୍ଚଳ ଲୋକଙ୍କ ପାଇଁ ମୁକ୍ତାକାଶ ବ୍ୟାୟାମଶାଳା ପ୍ରତିଷ୍ଠା କରିଥିଲେ। ଗତ ୬ ବର୍ଷ ତଳେ ମିନିଷ୍ଟାଡିୟମର ଗୋଟିଏ ପାର୍ଶ୍ୱରେ ପ୍ରାୟ ୨୦ ଲକ୍ଷ ଟଙ୍କା ବ୍ୟୟରେ ଏକ ମୁକ୍ତାକାଶ ବ୍ୟାୟାମ ଶାଳା ସହିତ ଜିମ୍ ଗୃହ ନିର୍ମାଣ କରାଯାଇଥିଲା। ପରବର୍ତ୍ତୀ ସମୟରେ ଏନଏସି ତରଫରୁ ସମ୍ପୃକ୍ତ ମୁକ୍ତାକାଶ ବ୍ୟାୟାମଶାଳାକୁ ହଟାଇ ସେଠାରେ ଅତ୍ୟାଧୁନିକ ବ୍ୟାୟମ ସାମଗ୍ରୀ ସ୍ଥାପନ କରାଯାଇଥିଲା । ଗତବର୍ଷ ଏପ୍ରିଲ ୫ରେ ବିଧାୟକ ଅରୁଣ କୁମାର ସାହୁ ଉକ୍ତ ମୁକ୍ତାକାଶ ବ୍ୟାୟାମଶାଳାକୁ ଲୋକାର୍ପଣ କରିଥିଲେ । ହେଲେ ଜିମ୍ ପାଇଁ ନିର୍ମାଣ କରାଯାଇଥିବା ଗୃହ କାହା ନିୟନ୍ତ୍ରଣରେ ରହିଛି କୌଣସି ଅଧିକାରୀ କହିପାରୁନାହାନ୍ତି। ଯେଉଁ ଉଦ୍ଦେଶ୍ୟରେ ଘର ନିର୍ମାଣ ହୋଇଥିଲା ତାହା ସେହି କାର୍ଯ୍ୟରେ ଲାଗୁ ନାହିଁ। ସେହି ଗୃହକୁ ଡ୍ରେସିଂ ରୁମ୍ ବୋଲି କୁହାଯାଉଛି । ହେଲେ ଅଦ୍ୟାବଧି ଦିନକ ପାଇଁ ଏହାର ସଦୁପଯୋଗ ହୋଇ ନ ଥିବା ଅଭିଯୋଗ ହେଉଛି। ସନ୍ଧ୍ୟା ହେଲେ ଏହି ବ୍ୟାୟାମାଶାଳାରେ କେତେଜଣ ଯୁବକଙ୍କ ଆଡ୍ଡା ଜମୁଥିବା ବେଳେ ବେଆଇନ ବିଦ୍ୟୁତ୍ ସଂଯୋଗ ସହିତ ଟିଭି ଲାଗିଥିବା ଅନୁରୂପ



ଜବରଦଖଲରେ ଥିବା ବ୍ୟାୟାମଶାଳା ଡ୍ରେସିଂ ରୁମ୍।

## ବିଭାଗୀୟ ଅଧିକାରୀଙ୍କ ପାଖରେ ସୂଚନା ନାହିଁ

ଅଭିଯୋଗ ହେଉଛି। ଏ ସଂକ୍ରାନ୍ତରେ ଏନଏସି ପାଖରେ କୌଣସି ତଥ୍ୟ ନାହିଁ। ଉକ୍ତ ଘରର ଚାବି କାହା ପାଖରେ ଅଛି, କେବେଠୁ ଅଛି, ଘରେ କି କାମ ଚାଲିଛି ତାହା ସମସ୍ତଙ୍କ ପାଇଁ ଅଛପା ରହିଛି।

ସୂଚନା ଅନୁଯାୟୀ, ଓଡ଼ଗାଁ ମିନିଷ୍ଟାଡିୟମ ପରିସରରେ ୨୦୨୦ରେ ବ୍ଲକ ପ୍ରଶାସନ ଏକ ଖୋଲା ବ୍ୟାୟାମଶାଳା ନିର୍ମାଣ କରିଥିଲା । ଏହାପରେ ଏନଏସି ସେହି ବ୍ୟାୟାମଶାଳକୁ ନିଜ ହାତକୁ ନେଇଥିଲା। ଦିନକୁ ଦିନ ଅଧିକ ଯୁବତୀ,ଯୁବକ ବ୍ୟାୟାମ କରିବାକୁ ଆସୁଥିବାରୁ ପୁଣିଥରେ ଏନଏସି ମୁକ୍ତାକାଶ ବ୍ୟାୟାମଶାଳା ଯୋଜନାରେ ଅର୍ଥବ୍ୟୟ କରିଥିଲା । ଏହାପରେ ୨୦ଲକ୍ଷ ଟଙ୍କା ଖର୍ଚ୍ଚରେ ବ୍ୟାୟାମଶାଳା ଓ ଜିମ୍ ହଲ ପାଇଁ ନିର୍ମାଣ ଗୃହକୁ ପୋଷାକ ଚେଞ୍ଜ ଗୃହ ଆଖ୍ୟା ଦିଆଗଲା । ମାର୍ବଲ, ଟାଇଲ ପକାଯାଇ ସେହି ପ୍ରକୋଷ୍ଠକୁ ଚକାଚକ୍ କରାଗଲା। ହେଲେ ଏବେ ସେହି ପ୍ରକୋଷ୍ଠ କେତେଜଣ ବ୍ୟକ୍ତିଙ୍କ ଆଡ୍ଡାସ୍ଥଳ ପାଲଟିଛି। ସେହି ପ୍ରକୋଷ୍ଠ ରାତି ଅଧଯାଏ ଖୋଲା ରହୁଛି । ସେହି ଘର କିଏ ସମ୍ଭାଳୁଛି, ଘର ଭିତରେ କ'ଣ ରହିଛି ଓ କି କାର୍ଯ୍ୟ ଚାଲୁଛି ସେ ସଂକ୍ରାନ୍ତରେ ଏନଏସି କର୍ତ୍ତୃପକ୍ଷ ଅବଗତ ନାହିଁ ବୋଲି ସାଧାରଣରେ ଆଲୋଚନା ହେଉଛି। ଏ ସଂକ୍ରାନ୍ତରେ ଓଡ଼ଗାଁ ଏନଏସି କାର୍ଯ୍ୟ ନିର୍ବାହୀ ଅଧିକାରୀ ଦୁଃଶାସନ ସ୍ୱାଇଁଙ୍କୁ ପ୍ରଶ୍ନ କରିବାରୁ ମୁକ୍ତାକାଶ ଯୋଜନାରେ ନିର୍ମାଣ ହୋଇଥିବା କୋଠା ସମ୍ପର୍କରେ ସେ ଜାଣି ନ ଥିବା କହିଛନ୍ତି। ସେହି ଘର କାହା ଦାୟିତ୍ୱରେ ଅଛି, ଚାବି କାହା ପାଖରେ ଅଛି ବୋଲି ପଚାରିବାରେ ସେ ସମ୍ପର୍କରେ ବୁଝିବା ପରେ କହିବେ ବୋଲି କହିଥିଲେ। ବ୍ଲକ ଛାତ୍ର କଂଗ୍ରେସ ସଭାପତି ଦିଲୀପ କୁମାର ବିଷୋୟୀ ଏହି ଘଟଣା ସଂକ୍ରାନ୍ତରେ କ୍ଷୋଭ ପ୍ରକାଶ କରିବା ସହିତ ଉକ୍ତ ପ୍ରକୋଷ୍ଠର ସଦୁପଯୋଗ କରିବା ପାଇଁ ବିଭାଗୀୟ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି।

